## ଅର୍ଥ ବିଭାଗ

# ଅଧ୍ୟାୟ 3: ସାମଗ୍ରୀ ଓ ସେବା କର

## 3.1 ଜିଏସ୍‌ଟି ଅଧୀନରେ ଫେରସ୍ତର ପ୍ରକ୍ରିୟାକରଣ

### 3.1.1 ଉପକ୍ରମ

ଠିକ୍ ସମୟରେ ଫେରସ୍ତ ପ୍ରକ୍ରିୟା ଟିକସ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗଠନ କରେ, ଯେହେତୁ ଏହା କାର୍ଯ୍ୟର ପୁଞ୍ଜି, ବିସ୍ତାର ଏବଂ ଆଧୁନିକୀକରଣ ପାଇଁ ଅବରୋଧିତ ପାଣ୍ଠି ମୁକ୍ତ ମାଧ୍ୟମରେ ବାଣିଜ୍ୟକୁ ସୁଗମ କରିଥାଏ । ଜିଏସ୍‌ଟି ନିୟମଗୁଡ଼ିକରେ ଥିବା ଫେରସ୍ତ ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକ ଜିଏସ୍‌ଟି ଶାସନାଧୀନ ଫେରସ୍ତ ପ୍ରକ୍ରିୟାକୁ ସରଳ ଏବଂ ମାନକ କରିବା ପାଇଁ ଲକ୍ଷ୍ୟ ରଖିଛି ।

ଫେରସ୍ତ ପଦ୍ଧତି ସହ ସଂଶ୍ଳିଷ୍ଟ କେତେକ ଦିଗ, ଯାହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅନୁପାଳନ ଏବଂ ପର୍ଯ୍ୟାପ୍ତତା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିମ୍ନଲିଖିତକୁ ଅନ୍ତର୍ଭୁକ୍ତ କରେ:

- ସଂପୃକ୍ତ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଫେରସ୍ତ ଆବେଦନ କରାଯାଇଥିଲା ।
- ପନ୍ଦର ଦିନ ମଧ୍ୟରେ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା ।
- ଫେରସ୍ତ ଆବେଦନ ସହିତ ସମସ୍ତ ସହାୟକ ଦଲିଲ ଗୁଡ଼ିକ ସଂଲଗ୍ନ ହୋଇଥିଲା ।
- ସେବା ଯୋଗାଣ କ୍ଷେତ୍ରରେ ଅବ୍ୟବହୃତ ନିବେଶ କର ଜମା (ଆଇଟିସି)ର ଫେରସ୍ତକୁ ଅନୁମତି ଦିଆଯାଇଅଛି ।
- ଫେରସ୍ତ ଦାବି ମଞ୍ଜୁର କରିବା ପୂର୍ବରୁ ଟିକସ ଅଧିକାରୀ ସମସ୍ତ ଯାଞ୍ଚ କରିଛନ୍ତି ।
- 60 ଦିନର ସମୟସୀମା ମଧ୍ୟରେ ଫେରସ୍ତ ଦାବି ଫଏସଲା ହୋଇଥିଲା ।
- ଫେରସ୍ତ ଦାବିର ବିଳମ୍ବ ହେତୁ ସୁଧ ପ୍ରଦାନ ଏବଂ ତଦ୍‌ଜନିତ କାରଣ ଗୁଡ଼ିକ ରେକର୍ଡ କରାଯାଇଥିଲା ।

ଆବେଦନ ପତ୍ର ଦାଖଲ ଠାରୁ ଆରମ୍ଭ କରି ଏହାର ପ୍ରକ୍ରିୟାକରଣ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଜିଏସ୍‌ଟି ପୋର୍ଟାଲରେ 26 ସେପ୍ଟେମ୍ବର 2019 ଠାରୁ (ଫେରସ୍ତ ପଦ୍ଧତିର ସ୍ୱୟଂଚଳନ ପ୍ରକ୍ରିୟା) ଇଲୋକ୍ଟ୍ରୋନିକାଲି କାର୍ଯ୍ୟକାରୀ ହୋଇଅଛି । ଏହି ତାରିଖ ପୂର୍ବରୁ, ଫେରସ୍ତ ଆବେଦନଗୁଡ଼ିକର ଅଫ୍-ଲାଇନ୍ ପ୍ରକ୍ରିୟାକରଣ କରାଯାଇଥିଲା ।

ତଦନୁସାରେ, ହସ୍ତକୃତ ଭାବେ ଦାଖଲ ଏବଂ ଫେରସ୍ତ ଦାବିର ପ୍ରକ୍ରିୟାକରଣର ନିର୍ଦ୍ଦେଶନାମା ବହନ କରୁଥିବା ପୂର୍ବରୁ ପ୍ରକାଶିତ ସର୍କୁଲାରଗୁଡ଼ିକ ରଖାଯାଇଛି କିମ୍ବା ବଦଳାଇ ଦିଆଯାଇଛି । ମାଷ୍ଟର ପରିପତ୍ର ନମ୍ବର 125/44/2019-ଜିଏସ୍‌ଟି 18 ନଭେମ୍ବର 2019 ଜରିଆରେ ଇଲେକ୍ଟ୍ରୋନିକ୍ ଦାଖଲ ଏବଂ ଫେରସ୍ତ ଦାବିର ପ୍ରକ୍ରିୟାକରଣ ପାଇଁ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।

### 3.1.2 ଅଡିଟର ଉଦ୍ଦେଶ୍ୟ

ନିମ୍ନୋକ୍ତ ଆକଳନ କରିବା ପାଇଁ ଜିଏସ୍‌ଟି ଶାସନ ଅଧୀନରେ ଫେରସ୍ତ ମାମଲାର ଅଡିଟ୍ କରାଯାଇଥିଲା:

(i) ଫେରସ୍ତ ଅର୍ଥ ପ୍ରଦାନ ସଂପର୍କୀତ ଅଧିନିୟମ, ନିୟମ, ବିଜ୍ଞପ୍ତି, ପରିପତ୍ର ଇତ୍ୟାଦିର ବ୍ୟବସ୍ଥାର ଅନୁପାଳନ କରାଯାଇଛି ।

(ii) ଟିକସ ଦାତାଙ୍କ ଦ୍ୱାରା ଅନୁପାଳନ ନିଶ୍ଚିତ କରିବାକୁ ଗ୍ରହଣ କରାଯାଇଥିବା ପଦ୍ଧତି ଏବଂ ପ୍ରକ୍ରିୟା ପ୍ରଭାବଶାଳୀ ଅଟେ ।

(iii) ଫେରସ୍ତ ଆବେଦନ ଗୁଡ଼ିକର ଫଏସଲା ସଂପର୍କରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମାପିବା ପାଇଁ ଗ୍ରହଣ କରାଯାଇଥିବା ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଯଥେଷ୍ଟ ଅଟେ ।

### 3.1.3 ଅଡିଟ୍ ପରିସର

ସିଏଜିଙ୍କ ଡିପିସି ଅଧିନିୟମ, 1971 ର ଧାରା 16 ଅନ୍ତର୍ଗତ ଅଡିଟ୍, ଜୁଲାଇ 2017 ରୁ ଜୁଲାଇ 2020 ପର୍ଯ୍ୟନ୍ତ ମନୋନୀତ ଫେରସ୍ତ ରେକର୍ଡଗୁଡ଼ିକ ଯାଞ୍ଚ ଓ ପରୀକ୍ଷା କରିଥିଲେ ।

ଭାରତର ସିଏଜିଙ୍କ କାର୍ଯ୍ୟାଳୟ ଜିଏସ୍‌ଟିଏନ୍ ରୁ ପାନ୍-ଇଣ୍ଡିଆ ଫେରସ୍ତ ତଥ୍ୟ ହାସଲ କରିଥିଲେ ଏବଂ ଓଡ଼ିଶାର ଏଜି (ଅଡିଟ୍-1) କାର୍ଯ୍ୟାଳୟ ଦ୍ୱାରା ବିସ୍ତୃତ ପରୀକ୍ଷଣ ପାଇଁ ଓଡ଼ିଶା ରାଜ୍ୟ ଜିଏସ୍‌ଟି ଫେରସ୍ତ ମାମଲାର ନମୁନା ଚୟନ କରାଯାଇଥିଲା ।

ତଦନୁସାରେ, ଅଡିଟ୍, ସିଟି ଆଣ୍ଡ ଜିଏସ୍‌ଟି, ଓଡ଼ିଶା, କଟକ ଆୟୁକ୍ତଙ୍କ ଅଧିନରେ 34 ମଣ୍ଡଳ[1]କୁ ଅନ୍ତର୍ଭୁକ୍ତ କରୁଥିବା 268 ମାମଲାର ମନୋନୀତ ନମୁନାକୁ ଯାଞ୍ଚ କରିଥିଲା ।

### 3.1.4 ଅଡିଟ୍ ମାନଦଣ୍ଡ

ଗ୍ରହଣ କରାଯାଇଥିବା ଅଡିଟ୍ ମାନଦଣ୍ଡଗୁଡ଼ିକ ହେଲା:

- ଏସ୍‌ଜିଏସ୍‌ଟି/ ଆଇଜିଏସ୍‌ଟି ପାଇଁ ଅଧିନିୟମର ପ୍ରଯୁଜ୍ୟ ବ୍ୟବସ୍ଥା ।
- ଓଡ଼ିଶାର ସିଟି ଏବଂ ଜିଏସ୍‌ଟି ଆୟୁକ୍ତଙ୍କ ଦ୍ୱାରା ଜାରି ବିଜ୍ଞପ୍ତି/ ପରିପତ୍ର ।
- ମାନ୍ୟବର ଉଚ୍ଚତମ ନ୍ୟାୟାଳୟ/ ଉଚ୍ଚ ନ୍ୟାୟାଳୟ/ ଟ୍ରିବ୍ୟୁନାଲଙ୍କର ରାୟ ।

### 3.1.5 ଅଡିଟ୍ ପଦ୍ଧତି

ଏହି ଅଡିଟ୍ ନ୍ୟସ୍ତ ଦାୟିତ୍ୱ ପାଇଁ ନିମ୍ନଲିଖିତ ପଦ୍ଧତିଗୁଡ଼ିକ ଗ୍ରହଣ କରାଯାଇଥିଲା:

- ସିଟି ଏବଂ ଜିଏସ୍‌ଟି ଆୟୁକ୍ତଙ୍କ ସହିତ ଅନୁଷ୍ଠିତ ଆଗମନ ସମ୍ମିଳନୀ ।
- ଫେରସ୍ତ ରେକର୍ଡଗୁଡ଼ିକର ଯାଞ୍ଚ, ଉଭୟ ହାର୍ଡ ଓ ସଫ୍ଟ କପି ଏବଂ ଉଦ୍ଧୃତ ତଥ୍ୟର ବିଶ୍ଳେଷଣ ।
- ଜିଏସ୍‌ଟି ପୋର୍ଟାଲର ବ୍ୟାକ୍ ଏଣ୍ଡ ପଦ୍ଧତି ମାଧମରେ ଜିଏସ୍‌ଟି ଅଧିନରେ ଫେରସ୍ତର ବିଶ୍ଳେଷଣ ।
- ଆଇସିଇ-ଜିଏଟିଇ ତଥ୍ୟ ସହିତ ରପ୍ତାନି ତଥ୍ୟର ବିଭିନ୍ନ ଉପାୟରେ ଯାଞ୍ଚ ।
- ପ୍ରେସ୍ କ୍ଲିପିଂ/ ଆଭ୍ୟନ୍ତରୀଣ ଅଡିଟ୍ ରିପୋର୍ଟ/ ଭିଜିଲାନ୍ସ ରିପୋର୍ଟ/ ଜନସାଧାରଣ ଅଭିଯୋଗର ଅଧ୍ୟୟନ ଏବଂ ପ୍ରୟୋଗ, ଯଦି ଥାଏ ।
- ଜିଏସ୍‌ଟି ବିଭାଗୀୟ ଅଧିକାରୀଙ୍କ ସହ ପାରସ୍ପରିକ କଥାବାର୍ତ୍ତା ।
- ଅଡିଟ୍ ଆବଶ୍ୟକତା ଏବଂ ଅଡିଟ୍ ପ୍ରଶ୍ନଗୁଡ଼ିକର ଜାରି, କାର୍ଯ୍ୟାଳୟ ମୁଖ୍ୟଙ୍କ ସହିତ ଅଡିଟ୍ ପର୍ଯ୍ୟବେକ୍ଷଣ ସଂପର୍କରେ ଆଲୋଚନା ।

## ଅଡିଟ୍ ଫଳାଫଳ

### 3.1.6 ଫେରସ୍ତ ପ୍ରକ୍ରିୟାକରଣରେ ଅନିୟମିତତା

ରେକର୍ଡଗୁଡ଼ିକର ଯାଞ୍ଚ ସମୟରେ ନିମ୍ନଲିଖିତ ଅନିୟମିତତା ଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

---

[1] ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ଭଞ୍ଜନଗର, ଭୁବନେଶ୍ୱର-I, ଭୁବନେଶ୍ୱର-II, ଭୁବନେଶ୍ୱର-III, ଭୁବନେଶ୍ୱର-IV, ବୌଦ୍ଧ, କଟକ-I-ନଗର, କଟକ-I-ପୂର୍ବ, କଟକ-I-ପଶ୍ଚିମ, କଟକ-I-କେନ୍ଦ୍ର, କଟକ-II, ଢେଙ୍କାନାଳ, ଗଞ୍ଜାମ-I, ଗଞ୍ଜାମ-II, ଜଗତସିଂହପୁର, ଯାଜପୁର, ଜଟଣୀ, ଝାରସୁଗୁଡ଼ା,, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର-I, ସମ୍ବଲପୁର-II ଏବଂ ସୁନ୍ଦରଗଡ଼ ମଣ୍ଡଳ

### 3.1.6.1 ସ୍ୱୀକୃତିପତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଜାରି କରା ନଯିବା

ଓଡ଼ିଶା ସାମଗ୍ରୀ ଓ ସେବାକର (ଓଜିଏସ୍‌ଟି) ଅଧିନିୟମ, 2017 ର ନିୟମ 90(1) ଏବଂ (2) ରେ ଧାର୍ଯ୍ୟ କରାଯାଇଛି ଯେ ଯେଉଁଠାରେ ଆବେଦନ ଇଲେକ୍ଟ୍ରୋନିକ୍ କ୍ୟାସ୍ ଲେଜର (ଇସିଏଲ୍) ରୁ ଫେରସ୍ତ ଦାବି ସହିତ ଜଡ଼ିତ, ଫର୍ମ ଜିଏସ୍‌ଟି-ଆର୍‌ଏଫ୍‌ଡି-02 ରେ ଏକ ସ୍ୱୀକୃତି ପତ୍ର ସାଧାରଣ ପୋର୍ଟାଲ ମାଧ୍ୟମରେ ଆବେଦନକାରୀଙ୍କ ପାଇଁ ଉପଲବ୍ଧ ହେବ, ନିର୍ଦ୍ଦିଷ୍ଟ ଭାବେ ସୂଚନା ଥାଇ ଫେରସ୍ତ ପାଇଁ ଦାବି ଦାଖଲ ତାରିଖ ଏବଂ ସମୟ ଅବଧି ଅର୍ଥାତ୍ ଫେରସ୍ତ ଆବେଦନ ପାଇଁ ଉଦ୍ଦିଷ୍ଟ 60 ଦିନ ସଂପର୍କରେ । ଇସିଏଲ୍ ବ୍ୟତୀତ ଫେରସ୍ତ ସହିତ ଜଡ଼ିତ ଆବେଦନ ପାଇଁ, ଉକ୍ତ ଆବେଦନ ପୂରଣ ହେବାର 15 ଦିନ ମଧ୍ୟରେ ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ଆବେଦନ ପଠାଯିବ । ସାଧାରଣ ପୋର୍ଟାଲ୍ ମାଧ୍ୟମରେ 15 ଦିନ ମଧ୍ୟରେ ଫର୍ମ ଜିଏସ୍‌ଟି-ଆର୍‌ଏଫ୍‌ଡି-02 ରେ ଏକ ସ୍ୱୀକୃତି ପତ୍ର ଆବେଦନକାରୀଙ୍କ ନିକଟରେ ଉପଲବ୍ଧ ହେବ । ଏହି ସ୍ୱୀକୃତିପତ୍ର ଦାବି ପୂରଣ ତାରିଖ ଏବଂ ସମୟ ଅବଧି ଅର୍ଥାତ୍ ଫେରସ୍ତ ପ୍ରକ୍ରିୟା ପାଇଁ ନିର୍ଦ୍ଦିଷ୍ଟ 60 ଦିନ ସଂପର୍କରେ ସ୍ପଷ୍ଟ ଭାବରେ ସୂଚିତ କରିବ ।

ଯାଞ୍ଚ ହୋଇଥିବା 268 ଫେରସ୍ତ ମାମଲା ମଧ୍ୟରୁ ଏହା ଦେଖାଗଲା ଯେ 50 ଫେରସ୍ତ ମାମଲାରେ ଏକ ରୁ 333 ଦିନ ପର୍ଯ୍ୟନ୍ତ ସ୍ୱୀକୃତି ପତ୍ର ଜାରି କରିବାରେ ବିଳମ୍ବ ହୋଇଥିଲା ***(ପରିଶିଷ୍ଟ 3.1.1)*** । ଏହାଦ୍ୱାରା ଓଜିଏସ୍‌ଟି ନିୟମାବଳୀ 2017 ର ନିୟମ 90 ର ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରାଯାଇ ନଥିଲା ।

ଏହା ସୂଚିତ କରାଯିବା ପରେ, ସଂପୃକ୍ତ ଜିଏସ୍‌ଟି ମଣ୍ଡଳର ଆୟୁକ୍ତ ମାନେ ଦର୍ଶାଇଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ସହାୟକ ଦଲିଲର ଅସମ୍ପୂର୍ଣ୍ଣ ସେଟ୍ ଦାଖଲ, ପୋର୍ଟାଲ ସହିତ ବିଭାଗୀୟ କର୍ମଚାରୀଙ୍କ ପରିଚିତତା ଅଭାବ ଏବଂ କୋଭିଡ୍-19 ସଂକ୍ରମଣ (ମାର୍ଚ୍ଚ 2020 ପରଠାରୁ) ଇତ୍ୟାଦି କାରଣରୁ ସ୍ୱୀକୃତି ପତ୍ର ଜାରି କରିବାରେ ବିଳମ୍ବ ହୋଇଥିଲା । ଜିଏସ୍‌ଟି ଆୟୁକ୍ତ, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଏହି ଅଡିଟ୍ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି ।

ଉତ୍ତରରୁ ସ୍ପଷ୍ଟ ଯେ ବିଭାଗୀୟ କର୍ମଚାରୀମାନେ ପୋର୍ଟାଲ୍ ସହିତ ସମ୍ପୂର୍ଣ୍ଣ ଭାବେ ପରିଚିତ ନଥିଲେ, ତେଣୁ ସେମାନଙ୍କୁ ଯଥାଶୀଘ୍ର ତାଲିମ୍ ଦିଆଯିବା ଆବଶ୍ୟକ ।

### 3.1.6.2 ଫେରସ୍ତ ଆଦେଶଗୁଡ଼ିକ ଠିକ୍ ସମୟରେ ଅନୁମୋଦନ ନହେବା

ଓଜିଏସ୍‌ଟି ଅଧିନିୟମ, 2017 ର ନିୟମ 92 ରେ ଧାର୍ଯ୍ୟ କରାଯାଇଅଛି ଯେ ଫେରସ୍ତ ଆବେଦନ ଦାଖଲ କରିବା ପରେ ଅଧିକାରୀ ପରୀକ୍ଷା ପ୍ରକ୍ରିୟା କରିବେ । ଫେରସ୍ତ ଦାବି ରାଶି ଆବେଦନକାରୀଙ୍କୁ ଦେବା ପାଇଁ ଅଛି କି ନାହିଁ ତାହା ସେ ଯାଞ୍ଚ କରିବେ ଏବଂ ତାପରେ ସେ ଆବେଦନ ଗ୍ରହଣ କରିବାର 60 ଦିନ ମଧ୍ୟରେ ଫର୍ମ ଜିଏସ୍‌ଟି-ଆର୍‌ଏଫ୍‌ଡି-06 ରେ ଏକ ଆଦେଶ ଦେବେ ଯେଉଁଥିରେ ଆବେଦନକାରୀଙ୍କ ପ୍ରାପ୍ୟ ଫେରସ୍ତ ହେବ । ଶୂନ ହାର ଯୋଗାଣ କ୍ଷେତ୍ରରେ ତାଙ୍କୁ ଅସ୍ଥାୟୀ ଭିତ୍ତିରେ ଫେରସ୍ତ କରାଯାଇଥିବା ରାଶି ବିଷୟରେ ମଧ୍ୟ ସେଥିରେ ଉଲ୍ଲେଖ କରିବା ଉଚିତ୍ ।

ଯାଞ୍ଚ ହୋଇଥିବା 268 ଫେରସ୍ତ ମାମଲା ମଧ୍ୟରୁ ଏହା ଦେଖାଗଲା ଯେ 18 ଫେରସ୍ତ ମାମଲାରେ 10 ରୁ 115 ଦିନ ପର୍ଯ୍ୟନ୍ତ ଫେରସ୍ତ ମଞ୍ଜୁର କରିବାରେ ବିଳମ୍ବ ହୋଇଥିଲା ***(ପରିଶିଷ୍ଟ 3.1.2)*** । ଏହାଦ୍ୱାରା ଓଜିଏସ୍‌ଟି ନିୟମାବଳୀ 2017 ର ନିୟମ 92 ର ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରାଯାଇ ନଥିଲା ।

ଏହା ସୂଚୀତ କରାଯିବା ପରେ, ସଂପୃକ୍ତ ଜିଏସ୍‌ଟି ମଣ୍ଡଳର ଆୟୁକ୍ତ ମାନେ ଦର୍ଶାଇଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ସହାୟକ ଦଲିଲର ଅସମ୍ପୂର୍ଣ୍ଣ ସେଟ୍ ଦାଖଲ ଏବଂ କୋଭିଡ୍-19 ବିସ୍ଫୋରଣ (ମାର୍ଚ୍ଚ 2020 ପର ଠାରୁ) ଇତ୍ୟାଦି କାରଣରୁ ଫେରସ୍ତ ଆଦେଶ ମଞ୍ଜୁର କରିବାରେ ବିଳମ୍ବ ହୋଇଥିଲା । ଜିଏସ୍‌ଟି ଆୟୁକ୍ତ, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ଏହି ଅଡିଟ୍ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଅଛି ।

ଅଡିଟ୍ ମଧ୍ୟ ଯାଞ୍ଚ କରିଥିଲେ ଯେ ଏହି ବିଳମ୍ବ ପାଇଁ ବିଭାଗ ଦାୟୀ ନୁହଁନ୍ତି ।

### *3.1.6.3 ଶୂନ ହାର ଯୋଗାଣ ପାଇଁ ଅସ୍ଥାୟୀ ଫେରସ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ନହେବା*

ଓଜିଏସ୍‌ଟି ଅଧିନିୟମ, 2017 ର ନିୟମ 91(1) & (2) ସୂଚନା ପ୍ରଦାନ କରେ ଯେ ଶୂନ ହାର ଯୋଗାଣ ହିସାବରେ ହିଁ ଅସ୍ଥାୟୀ ଫେରସ୍ତ ପ୍ରଦାନ କରାଯିବ, ସର୍ତ୍ତ ଅନୁଯାୟୀ, ଫେରସ୍ତ ଦାବି କରୁଥିବା ବ୍ୟକ୍ତି, ଦାବି ଅବଧିର ତତ୍‌କ୍ଷଣାତ୍ ପାଞ୍ଚ ବର୍ଷର ପୂର୍ବ ଅବଧି ମଧ୍ୟରେ କୌଣସି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ କିମ୍ବା ଏକ ବିଦ୍ୟମାନ ଆଇନ ଅନୁଯାୟୀ କର ଫାଙ୍କିର ପରିମାଣ 2.5 କୋଟି ଟଙ୍କା ଅତିକ୍ରମ କରିନଥିବେ ।

ଉପଯୁକ୍ତ ଅଧିକାରୀ, ଦାବିର ଯାଞ୍ଚ ପରେ ଏହାର ସମର୍ଥନରେ ଦାଖଲ ହୋଇଥିବା ପ୍ରମାଣ ଗୁଡ଼ିକରେ ଆପାତତଃ ସନ୍ତୁଷ୍ଟ ହେବା ପରେ ଉପ ନିୟମ (6) ଅନୁଯାୟୀ ଫେରସ୍ତ ଦାବି କରାଯାଇଥିବା ଅର୍ଥ ଧାରା 54 ର ଉପବିଭାଗର ନିୟମାବଳୀ ଅନୁଯାୟୀ ଫର୍ମ ଜିଏସ୍‌ଟି ଆରିଏଫ୍‌ଡି-04 ରେ ଏକ ଆଦେଶ ପ୍ରସ୍ତୁତ କରିବେ ଯାହା ନିୟମ 90 ର ଉପନିୟମ (1) କିମ୍ବା ଉପନିୟମ (2) ଅନୁଯାୟୀ ଉକ୍ତ ଆବେଦନକାରୀଙ୍କ ଅସ୍ଥାୟୀ ଭିତ୍ତିରେ ଫେରସ୍ତ ମଞ୍ଜୁରୀ ସ୍ୱୀକୃତି ତାରିଖ ଠାରୁ ସାତ ଦିନରୁ ଅଧିକ ହେବ ନାହିଁ ।

ଯାଞ୍ଚ ହୋଇଥିବା 84 ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ଶୂନ ହାର ଯୋଗାଣ ପାଇଁ କିମ୍ବା ଉଭୟ ଜୁଲାଇ 2020 ପର୍ଯ୍ୟନ୍ତ) ଏହା ଦେଖାଗଲା ଯେ ସାତ ଫେରସ୍ତ ମାମଲାରେ ତିନି ରୁ 50 ଦିନ ପର୍ଯ୍ୟନ୍ତ ଅସ୍ଥାୟୀ ଫେରସ୍ତ ମଞ୍ଜୁର କରିବାରେ ବିଳମ୍ବ ହୋଇଥିଲା ***(ପରିଶିଷ୍ଟ 3.1.3)*** । ଏହାଦ୍ୱାରା ଓଜିଏସ୍‌ଟି ନିୟମାବଳୀ 2017 ର ନିୟମ 91(2) ର ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରାଯାଇ ନଥିଲା ।

ଏହା ସୂଚୀତ କରାଯିବା ପରେ, ସଂପୃକ୍ତ ଜିଏସ୍‌ଟି ମଣ୍ଡଳର ଆୟୁକ୍ତ ମାନେ ଦର୍ଶାଇଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ସହାୟକ ଦଲିଲର ଅସମ୍ପୂର୍ଣ୍ଣ ସେଟ୍ ଦାଖଲ ପୋର୍ଟାଲ ସହିତ ବିଭାଗୀୟ କର୍ମଚାରୀଙ୍କ ପରିଚିତତା ଅଭାବ ଏବଂ କୋଭିଡ୍-19 ସଂକ୍ରମଣ (ମାର୍ଚ୍ଚ 2020 ପର ଠାରୁ) ଇତ୍ୟାଦି କାରଣରୁ ଅସ୍ଥାୟୀ ଫେରସ୍ତ ଆଦେଶ ମଞ୍ଜୁର କରିବାରେ ବିଳମ୍ବ ହୋଇଥିଲା । ଜିଏସ୍‌ଟି ଆୟୁକ୍ତ, (ଓଡ଼ିଶା)ଙ୍କ କାର୍ଯ୍ୟାଳୟରୁ ଏହି ଅଡିଟ୍ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଅଛି ।

ଉତ୍ତରରୁ ସ୍ପଷ୍ଟ ଯେ ବିଭାଗୀୟ କର୍ମଚାରୀମାନେ ପୋର୍ଟାଲ୍ ସହିତ ସଂମ୍ପୂର୍ଣ୍ଣ ଭାବେ ପରିଚିତ ନଥିଲେ, ତେଣୁ ସେମାନଙ୍କୁ ଯଥାଶୀଘ୍ର ତାଲିମ୍ ଦିଆଯିବା ଆବଶ୍ୟକ ।

### *3.1.6.4 ଓଲଟା ଶୁଳ୍କ ସଂରଚନା (ଇନ୍‌ଭର୍ଟେଡ୍ ଡ୍ୟୁଟି ଷ୍ଟ୍ରକ୍‌ଚର) ହେତୁ ଫେରସ୍ତର ଅନିୟମିତତା*

ଓଜିଏସ୍‌ଟି ଅଧିନିୟମ 2017 ର ଧାରା 54(3) ଅନୁଯାୟୀ, ଜଣେ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ଟିକସ ଅବଧି ଶେଷରେ ଯେକୌଣସି ଅବ୍ୟବହୃତ ନିବେଶ କର ଜମା (ଆଇଟିସି) ଫେରସ୍ତ ପାଇଁ ଦାବି କରିପାରିବେ । ଯେଉଁଠାରେ ନିବେଶ ଉପରେ ଟିକସ ହାର ବାହ୍ୟ ଯୋଗାଣ ଟିକସ ହାର ଠାରୁ ଅଧିକ ହୋଇଥିବ (ଯଥା- ଓଲଟା ଶୁଳ୍କ ସଂରଚନା) । ପୁନଶ୍ଚ, ଓଜିଏସ୍‌ଟି ଅଧିନିୟମ 2017 ର ନିୟମ 89(5), ଓଲଟା ଶୁଳ୍କ ସଂରଚନା ହେତୁ ଅବ୍ୟବହୃତ ଆଇଟିସି ର ସର୍ବାଧିକ ଫେରସ୍ତ ପାଇଁ ସୂତ୍ର ବର୍ଣ୍ଣନା କରେ । ନିୟମ ଅନୁଯାୟୀ ନିଟ୍ ନିବେଶ କର ଜମା କେବଳ ସଂପୃକ୍ତ ସମୟ ମଧ୍ୟରେ ନିବେଶ ଉପରେ ଉପଲବ୍ଧ ନିବେଶ କର ଜମାକୁ ଅନ୍ତର୍ଭୁକ୍ତ କରେ ଏବଂ ନିବେଶ ସେବାରେ ଉପଲବ୍ଧ ଜମାକୁ ଅନ୍ତର୍ଭୁକ୍ତ କରେ ନାହିଁ ।

ଯାଞ୍ଚ ହୋଇଥିବା 25 ଫେରସ୍ତ ମାମଲା ମଧ୍ୟରୁ (ଓଲଟା ଶୁଳ୍କ ସଂରଚନା ହେତୁ) ଏହା ଦେଖାଗଲା ଯେ ଗୋଟିଏ ମାମଲାରେ ଫେରସ୍ତ ଅନୁମୋଦନ ସମୟରେ ବିଭାଗ ନିବେଶ ସେବାରେ ଉପଲବ୍ଧ ଆଟିସିକୁ ବିଚାରକୁ ନେଇଥିଲେ । ଏହା ଅନିୟମିତ ଥିଲା ଏବଂ ଏହାଦ୍ୱାରା 11,976 ଟଙ୍କାର ଅଗ୍ରହଣୀୟ ରିହାତି ଦିଆଯାଇଥିଲା ***(ପରିଶିଷ୍ଟ 3.1.4)*** ।

ଏହା ସୂଚୀତ କରାଯିବା ପରେ, ସିଟି ଏବଂ ଜିଏସ୍‌ଟି ଆୟୁକ୍ତ କହିଲେ ଯେ ଅଡିଟ୍ ଫଳାଫଳ ଅନୁଯାୟୀ ଟିକସ ଦାତା 01 ଜୁଲାଇ 2021 ରେ 11,976 ଟଙ୍କା ଫେରସ୍ତ କରିଦେଇଥିଲେ ଏବଂ ଡିଆର୍‌ସି 03 ର ନକଲ, ସମର୍ଥନରେ ଦାଖଲ କରିଥିଲେ ।

### 3.1.6.5 ଫେରସ୍ତ ଦାବିଗୁଡ଼ିକର ପରବର୍ତ୍ତୀ ଅଡିଟରେ ବିଳମ୍ବ/ ଅଡିଟ୍ ନହେବା

ଶୂନ ହାର ଯୋଗାଣର ଫେରସ୍ତର ହସ୍ତଚାଳିତ ପ୍ରକ୍ରିୟାକରଣର ପ୍ରକ୍ରିୟାକୁ ସିବିଇସିର ପରିପତ୍ର ସଂଖ୍ୟା 17/17/2017- ଜିଏସ୍‌ଟି ତା- 15/11/2017 ମାଧ୍ୟମରେ ବିସ୍ତୃତ ଭାବରେ ଉପସ୍ଥାପିତ କରାଯାଇଅଛି । ଏହି ପରିପତ୍ରରେ ସର୍ତ୍ତ ରହିଛି ଯେ ସଂପୃକ୍ତ ପରିମାଣକୁ ହିସାବକୁ ନନେଇ ବୋର୍ଡ ଦ୍ୱାରା ପୃଥକ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ ନହେବା ପର୍ଯ୍ୟନ୍ତ ହସ୍ତଚାଳିତ ଫେରସ୍ତ ଆବେଦନଗୁଡ଼ିକର ପ୍ରକ୍ରିୟାକରଣର ପୂର୍ବ ଅଡିଟ୍ ଆବଶ୍ୟକତା ନାହିଁ । ଅବଶ୍ୟ ଏହା ସ୍ପଷ୍ଟ ହୋଇଅଛି ଯେ ବିସ୍ତୃତ ନିର୍ଦ୍ଦେଶାବଳୀ ଅନୁଯାୟୀ ଫେରସ୍ତ ଆଦେଶର ପରବର୍ତ୍ତୀ ଅଡିଟ୍ ଜାରି ରହିବ ।

ଯାଞ୍ଚ ହୋଇଥିବା 268 ଫେରସ୍ତ ମାମଲା ମଧ୍ୟରୁ କୌଣସିଟିରେ ପରବର୍ତ୍ତୀ ଅଡିଟ୍ କରାଯାଇ ନଥିଲା ***(ପରିଶିଷ୍ଟ 3.1.5)*** ।

ଏହା ସୂଚୀତ କରାଯିବା ପରେ, ସଂପୃକ୍ତ ଜିଏସ୍‌ଟି ମଣ୍ଡଳର ମୁଖ୍ୟମାନେ ଦର୍ଶାଇଥିଲେ ଯେ ସିଟି ଏବଂ ଜିଏସ୍‌ଟି ଆୟୁକ୍ତ, ଓଡ଼ିଶା ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ପାଇଁ ଦକ୍ଷ ଅଧିକାରୀ ଅଟନ୍ତି । ସିଟି ଏବଂ ଜିଏସ୍‌ଟି ଆୟୁକ୍ତଙ୍କ ଠାରୁ ଉତ୍ତର/ ପ୍ରତିକ୍ରିୟା ପହଞ୍ଚି ନଥିଲା ।

ଫେରସ୍ତ ଆଦେଶର ପରବର୍ତ୍ତୀ ଅଡିଟ୍ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ଉପରୋକ୍ତ ପରିପତ୍ର ଅନୁଯାୟୀ ପାଳନ କରାଯିବା ଆବଶ୍ୟକ ।

### 3.1.7 ଅନ୍ୟାନ୍ୟ ବିଷୟର ଅନୁପାଳନ ସ୍ଥିତି

ରେକର୍ଡ ଗୁଡ଼ିକର ଯାଞ୍ଚ ସମୟରେ ନିମ୍ନଲିଖିତ "ଉତ୍ତମ ଅଭ୍ୟାସ" ଗୁଡ଼ିକ ମଧ୍ୟ ଲକ୍ଷ୍ୟ କରାଯାଇଥିଲା:

***3.1.7.1*** ସିଟି ଏବଂ ଜିଏସ୍‌ଟି ରାଜ୍ୟ ସର୍କଲ କର୍ତ୍ତୃପକ୍ଷଙ୍କ ଦ୍ୱାରା କେନ୍ଦ୍ରୀୟ କର ପ୍ରାଧିକରଣକୁ ଯୋଗାଯୋଗ କରାଯାଇଥିବା 2017-18 ଆର୍ଥିକ ବର୍ଷ (ସେପ୍ଟେମ୍ବର 2019 ପର୍ଯ୍ୟନ୍ତ) ସହ ସଂଶ୍ଳିଷ୍ଟ 108 ଗୋଟି ଫେରସ୍ତ ମଞ୍ଜୁରୀ ଆଦେଶ ମଧ୍ୟରୁ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 108 ମାମଲାରେ ବିଭାଗ ସଂପୃକ୍ତ ଅନୁମୋଦିତ ଫେରସ୍ତ ଦେୟ ପ୍ରଦାନ ***(ପରିଶିଷ୍ଟ 3.1.6)*** ଉଦ୍ଦେଶ୍ୟରେ ସଂପୃକ୍ତ ପ୍ରତିପକ୍ଷ କର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବା ପାଇଁ ସାତଟି କାର୍ଯ୍ୟ ଦିବସର ସମୟ ସୀମା (ଯଥାକ୍ରମେ ସିଜିଏସ୍‌ଟି ଅଧିନିୟମ ଏବଂ ନିୟମର ଧାରା 54 ଏବଂ ନିୟମ 91) ର ଅନୁପାଳନ କରାଯାଇଥିଲା ।

***3.1.7.2*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବାଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 84 ଫେରସ୍ତ ମାମଲାରେ ***(ପରିଶିଷ୍ଟ 3.1.7)*** ବିଭାଗ, ସିଜିଏସ୍‌ଟି ଅଧିନିୟମ, 2017 ର ଧାରା 54 (3) ର ବ୍ୟବସ୍ଥା ଏବଂ ସିଜିଏସ୍‌ଟି ନିୟମ, 2017 ର ନିୟମ 89 (3) ଏବଂ 89 (4) ଅନୁଯାୟୀ ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜର (ଇସିଏଲ୍) ରେ ଥିବା ପ୍ରସଙ୍ଗକୁ ନେଇ ଫେରସ୍ତକୁ ଅନୁମତି ଦେଇଥିଲେ ।

***3.1.7.3*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବା ଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ଆଇଜିଏସ୍‌ଟି ଏବଂ ସିଜିଏସ୍‌ଟି ଫେରସ୍ତ ପ୍ରକ୍ରିୟା କରଣରେ କୌଣସି ଅନିୟମିତତା ହୋଇନଥିଲା ***(ପରିଶିଷ୍ଟ 3.1.8)***, ଯେତେବେଳେ ଉଚ୍ଚ ହାରରେ ଡ୍ରବ୍ୟାକ୍ ଅନୁମତି ଦିଆଯାଇଥିଲା ।

***3.1.7.4*** ଯାଞ୍ଚ କରାଯାଇଥିବା 49 ଟି ଫେରସ୍ତ ମାମଲା ମଧ୍ୟରୁ (25 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପ୍ରକ୍ରିୟାକରଣ କରାଯାଇଥିବା ଦ୍ରବ୍ୟ କିମ୍ବା ସେବାଗୁଡ଼ିକର କିମ୍ବା ଉଭୟର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 49 ଟି ଫେରସ୍ତ ମାମଲାରେ ***(ପରିଶିଷ୍ଟ 3.1.9)*** ସେବା ଗୁଡ଼କର ଶୂନ ହାର ଯୋଗାଣର କାରବାରରେ କୌଣସି ଚାଲାଣ ଅନ୍ତର୍ଭୁକ୍ତ କରାଯାଇ ନଥିଲା ଯାହାକି ନିର୍ଦ୍ଧାରିତ ତାରିଖ ପୂର୍ବରୁ ପ୍ରଦାନ କରାଯାଇଥିଲା । ଏହି ଅଣ-ଅନ୍ତର୍ଭୁକ୍ତକୁ ସିଜିଏସ୍‌ଟି ଅଧିନିୟମ, 2017 ର ଧାରା 142 (4) ଏବଂ ସିଜିଏସ୍‌ଟି ନିୟମ, 2017 ର ନିୟମ 89 (4) ଅନୁଯାୟୀ ଅନୁପାଳନ କରାଯାଇଥିଲା ।

***3.1.7.5*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବା ଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 84 ମାମଲାରେ ଫେରସ୍ତ ରାଶିରେ ପୁଞ୍ଜି ସାମଗ୍ରୀ ଉପରେ ଲବ୍ଧ ଆଇଟିସିକୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା ***(ପରିଶିଷ୍ଟ 3.1.10)*** । ଏହି ଅଣ-ଅନ୍ତର୍ଭୁକ୍ତି ସିଜିଏସ୍‌ଟି ଅଧିନିୟମ, 2017 ର ଧାରା 54 ଏବଂ ସିଜିଏସ୍‌ଟି ନିୟମ, 2017 ର ନିୟମ 89 (4) ଅନୁଯାୟୀ ଅନୁପାଳନ କରାଯାଇଥିଲା ।

***3.1.7.6*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବା ଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 84 ମାମଲାରେ ***(ପରିଶିଷ୍ଟ 3.1.11)*** ଡେବିଟ୍ ନୋଟ୍ ଗୁଡ଼ିକୁ ବାଦ୍ ଦେବା କାରଣରୁ ଫେରସ୍ତରେ କୌଣସି ଅତିରିକ୍ତ ରିହାତି ଦିଆଯାଇ ନଥିଲା । ସମୁଦାୟ ଫେରସ୍ତ ହିସାବରୁ ଡେବିଟ୍ ନୋଟ୍ ଗୁଡ଼ିକୁ ବାଦ ଦେବା ସିଜିଏସ୍‌ଟି ଅଧିନିୟମ, 2017 ର ଧାରା 54 (3) ଏବଂ ସିଜିଏସ୍‌ଟି ନିୟମ, 2017 ର ନିୟମ 89 (4) ଅନୁଯାୟୀ ହୋଇଥିଲା ।

***3.1.7.7*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବା ଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 84 ମାମଲାରେ ***(ପରିଶିଷ୍ଟ 3.1.12),*** 15 ମାର୍ଚ୍ଚ 2018 ର ପରିପତ୍ର ସଂଖ୍ୟା 37/11/2018-ଜିଏସ୍‌ଟି ର ଅନୁଚ୍ଛେଦ 9.1 ରେ ଥିବା ସ୍ପଷ୍ଟୀକରଣ ଅନୁଯାୟୀ, ଯୋଗାଣର ସିପିଂ ବିଲ୍ (ଏଫ୍‌ଓବି) ମୂଲ୍ୟ ଅନୁଯାୟୀ ଶୂନ ହାର ଯୋଗାଣ ପାଇଁ ବିଭାଗ ଅର୍ଥ ଫେରସ୍ତ ପାଇଁ ଅନୁମତି ପ୍ରଦାନ କରିଥିଲେ ।

***3.1.7.8*** ଯାଞ୍ଚ କରାଯାଇଥିବା 84 ଟି ଫେରସ୍ତ ମାମଲା ମଧ୍ୟରୁ (ଦ୍ରବ୍ୟ କିମ୍ବା ସେବା ଗୁଡ଼ିକର ଶୂନ ହାର ଯୋଗାଣ ହେତୁ) ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ 84 ମାମଲାରେ ***(ପରିଶିଷ୍ଟ 3.1.13),*** ବିଭାଗ ସାମଗ୍ରୀ ଏବଂ/ କିମ୍ବା ସେବା ଗୁଡ଼ିକର ଶୂନ୍ୟ ହାର ଯୋଗାଣ ହେତୁ ଅସ୍ଥାୟୀ ଫେରସ୍ତକୁ ସଠିକ୍ ଭାବରେ ମଞ୍ଜୁରୀ ପ୍ରଦାନ କରିଥିଲେ ଏବଂ କୌଣସି ଅନ୍ୟାନ୍ୟ ବର୍ଗରେ ନୁହେଁ ।

## 3.2 ଜିଏସ୍‌ଟି ଅଧିନରେ ମଧ୍ୟକାଳୀନ ଜମା

### 3.2.1 ଉପକ୍ରମ

ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ର ଆରମ୍ଭ ଆମ ଦେଶରେ ପରୋକ୍ଷ କର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଥିଲା, ଯାହା କେନ୍ଦ୍ର ଓ ରାଜ୍ୟ ଦ୍ୱାରା ଧାର୍ଯ୍ୟ ଏବଂ ସଂଗ୍ରହ କରାଯାଉଥିବା ଏକାଧିକ କରକୁ ବଦଳାଇଥିଲା । ଆଉଟପୁଟ୍ କର ଦେୟ ପ୍ରତିବଦଳରେ ନିବେଶ ସେବା ଏବଂ ନିବେଶ ଉପରେ ଦିଆଯାଇଥିବା କର ମଞ୍ଜୁର କରିବା ସାମଗ୍ରୀ ଓ ସେବା କରର ଏକ ପ୍ରମୁଖ ବୈଶିଷ୍ଟ୍ୟ । ଏହା କରର କ୍ୟାସ୍‌କେଡିଂ ପ୍ରଭାବକୁ ଏଡ଼ାଇବ ଏବଂ ବିକ୍ରେତା ଠାରୁ କ୍ରେତା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଜମାର ପ୍ରବାହକୁ ନିଶ୍ଚିତ କରିବ । ପ୍ରଚଳିତ ଆଇନ ଗୁଡ଼ିକରୁ ଜିଏସ୍‌ଟି ବ୍ୟବସ୍ଥାରେ ନିବେଶ କରର ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ନିବେଶ କର ପାଇଁ ମଧ୍ୟକାଳୀନ ଜମା ଜିଏସ୍‌ଟି ଅଧିନିୟମରେ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା ପ୍ରଚଳିତ ଆଇନ ଅନୁଯାୟୀ ଦିଆଯାଇଥିବା କର କିମ୍ବା ଶୁଳ୍କ ଉପରେ ନିବେଶ କର ଦାବି କରିବାର ଅଧିକାର ପ୍ରଦାନ କରିଥାଏ ।

#### *3.2.1.1 ନିବେଶ କର ପାଇଁ ମଧ୍ୟକାଳୀନ ବ୍ୟବସ୍ଥା*

ଓଡ଼ିଶା ସାମଗ୍ରୀ ଓ ସେବା କର (ଓଜିଏସ୍‌ଟି) ଅଧିନିୟମ, 2017 ର ଧାରା 140 ଟିକସଦାତାଙ୍କୁ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନିୟମ, 2004 ଅଧିନରେ ଉପଲବ୍ଧ ନିବେଶ କର ଜମା (ଆଇଟିସି) କୁ ଜିଏସ୍‌ଟି ବ୍ୟବସ୍ଥାରେ ପହଞ୍ଚାଇବାକୁ ସକ୍ଷମ କରେ । ଓଜିଏସ୍‌ଟି ନିୟମାବଳୀ, 2017 ର ନିୟମ 117 ସହିତ ପଠିତ ଏହି ଧାରା ଏହି ବିଷୟରେ ବିସ୍ତୃତ କାର୍ଯ୍ୟବିଧି ବର୍ଣ୍ଣନା କରେ । ମଧ୍ୟକାଳୀନ ବ୍ୟବସ୍ଥା ଅନୁଯାୟୀ, ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ମାସ/ ତ୍ରୟ ମାସିକ ପାଇଁ ଓଭାଟ୍ ଅଧିନିୟମ ଅନୁଯାୟୀ ଦାଖଲ ହୋଇଥିବା ରିଟର୍ଣ୍ଣରେ ଉପଲବ୍ଧ ଭାଟ୍ ଜମାର ଅନ୍ତିମ ଅବଶେଷ ଟିଆର୍‌ଏଏନ୍-1 ରେ ଏକ ଘୋଷଣାନାମା ଦ୍ୱାରା ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ ଜମା ଭାବରେ ନିଆଯାଇପାରେ । ପଞ୍ଜୀକୃତ କରଦାତା ନିମ୍ନଲିଖିତ ପରିସ୍ଥିତିରେ ଜମା ଦେବାକୁ ଯୋଗ୍ୟ ହେବେ ଯଥା:

i) ପ୍ରଚଳିତ ଅଧିନିୟମ ଅନୁଯାୟୀ ଉକ୍ତ ପରିମାଣର ଜମା ନିବେଶ କର ଜମା ଭାବରେ ଗ୍ରହଣୀୟ ।

ii) କରଦାତା ନିଶ୍ଚିତ ଭାବରେ ନିର୍ଦ୍ଧାରିତ ତାରିଖର ଛଅ ମାସ ପୂର୍ବରୁ ପ୍ରଚଳିତ ଅଧିନିୟମ ଅନୁଯାୟୀ ଆବଶ୍ୟକ ସମସ୍ତ ରିଟର୍ଣ୍ଣ ପ୍ରଦାନ କରିଥିବେ ।

କେନ୍ଦ୍ରୀୟ ବିକ୍ରି କର ଅଧିନିୟମ, 1956 ମଧ୍ୟ ବ୍ୟବସ୍ଥିତ କରେ ଯେ ଧାରା 3, ଧାରା 5 ର ଉପଧାରା (3), ଧାରା 6, ଧାରା 6A କିମ୍ବା ଧାରା 8 ର ଉପଧାରା (8) ସହିତ ଜଡ଼ିତ ଯେକୌଣସି ଦାବି ପାଇଁ ସେହି ଜମା ଦାୟୀ ଅଟେ ଯାହା କେନ୍ଦ୍ରୀୟ ବିକ୍ରି କର (ରେଜିଷ୍ଟ୍ରେସନ ଏବଂ ଟର୍ଣ୍ଣଓଭର) ନିୟମାବଳୀ, 1957ର ନିୟମ 12 ରେ ଧାର୍ଯ୍ୟ କରାଯାଇଥିବା ପଦ୍ଧତି ଓ ଅବଧି ମଧ୍ୟରେ ପ୍ରମାଣିତ ହୋଇନାହିଁ ତାହା ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ ଜମା ପାଇବାକୁ ଯୋଗ୍ୟ ହେବ ନାହିଁ ।

#### *3.2.1.2 ସମୀକ୍ଷାର ଉଦ୍ଦେଶ୍ୟ*

ନିମ୍ନଲିଖିତ ଉଦ୍ଦେଶ୍ୟର ନିଶ୍ଚିତତା ପ୍ରାପ୍ତି ପାଇଁ ମଧ୍ୟକାଳୀନ ଜମାର ସମୀକ୍ଷା ପରିଚାଳନା କରାଯାଇଥିଲା:

i) ମଧ୍ୟକାଳୀନ ଜମାର ଦାବିଗୁଡ଼ିକର ଚୟନ ଓ ଯାଞ୍ଚ ପାଇଁ ବିଭାଗ ଦ୍ୱାରା କଳ୍ପନା କରାଯାଇଥିବା କୌଶଳଟି ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ ।

ii) କରଦାତାଙ୍କ ଦ୍ୱାରା ଜିଏସ୍‌ଟି ବ୍ୟବସ୍ଥାରେ ଅଗ୍ରେନୀତ ଜମା ବୈଧ ଏବଂ ଗ୍ରହଣୀୟ ଥିଲା କି ନୁହେଁ ।

#### *3.2.1.3 ସମୀକ୍ଷାର ପରିସର*

କରଦାତାମାନେ 1 ଜୁଲାଇ 2017 ରୁ 31 ମାର୍ଚ୍ଚ 2020 ମଧ୍ୟରେ ଦାଖଲ କରିଥିବା ଟିଆର୍‌ଏଏନ୍-1 ରେ ଅଗ୍ରେନୀତ କରିଥିବା ମଧ୍ୟକାଳୀନ ଜମା ସହିତ ଅପଲୋଡ ହୋଇଥିବା ଅକ୍ଟୋବର 2016 ରୁ ଜୁନ୍ 2017 ଅବଧି ପାଇଁ ଓଭାଟ୍ ଏବଂ କେନ୍ଦ୍ରୀୟ ବିକ୍ରୟ କର ଅନ୍ତର୍ଗତ ରିଟର୍ଣ୍ଣ ଦାଖଲର ଏବଂ ସିଏଜିଙ୍କ ଡିପିସି ଅଧିନିୟମ, 1971

ଅନ୍ତର୍ଗତ ଅଧିନିୟମ 16 ଅନୁଯାୟୀ ଜୁଲାଇ 2017 ରୁ ମାର୍ଚ୍ଚ 2020 ଓଭାଟ୍ ଏବଂ କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ ଅଧିନରେ ପ୍ରଯୁଜ୍ୟ ଅବଧି ପାଇଁ ହୋଇଥିବା କର ନିର୍ଦ୍ଧାରଣ ନଥିପତ୍ରର ଆଧାରରେ ନମୁନା ଯାଞ୍ଚ ଏବଂ ପ୍ରତିପରୀକ୍ଷା କରିବା ସମୀକ୍ଷା ପରିସରର ଅନ୍ତର୍ଭୁକ୍ତ ।

### *3.2.1.4 ସମୀକ୍ଷାର ମାନଦଣ୍ଡ*

ସମୀକ୍ଷା ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡଗୁଡ଼ିକ ହେଲା:

- ଓଜିଏସ୍‌ଟି ଅଧିନିୟମ 2017 ର ଅଧିନିୟମ 140 ସହିତ ପଠିତ ଓଜିଏସ୍‌ଟି ଅଧିନିୟମର ନିୟମ 117,
- ଓଡ଼ିଶା ସିଟି ଓ ଜିଏସ୍‌ଟି ଆୟୁକ୍ତଙ୍କ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତି/ ପରିପତ୍ର/ ନିର୍ଦ୍ଦେଶାବଳୀ ।

### *3.2.1.5 ସମୀକ୍ଷା ପଦ୍ଧତି*

ସିଏଜିଙ୍କର ଉପଯୁକ୍ତ ସମୀକ୍ଷା ମନଦଣ୍ଡ ଅନୁଯାୟୀ ସମୀକ୍ଷା କରାଯାଇଅଛି । ସମୀକ୍ଷା ମାନଦଣ୍ଡ ସହିତ ସମୀକ୍ଷା ଉଦ୍ଦେଶ୍ୟ ହାସଲ ପାଇଁ ନିମ୍ନଲିଖିତ ପଦ୍ଧତି ଗ୍ରହଣ କରାଯାଇଥିଲା:

- ଜିଏସ୍‌ଟି ପୋର୍ଟାଲର ବ୍ୟାକ୍ ଏଣ୍ଡ ସିଷ୍ଟମ ମାଧମରେ ଟିଆର୍‌ଏଏନ୍-1 ତଥ୍ୟର ଯାଞ୍ଚ ଏବଂ ବିଶ୍ଳେଷଣ ଏବଂ ଭାଟିସ୍‌ରେ ଅପଲୋଡ ହୋଇଥିବା ଓଭାଟ୍/ ସିଏସ୍‌ଟି ଅଧିନିୟମ ଅନୁଯାୟୀ ରିଟର୍ଣ୍ଣ ସହିତ ପ୍ରତିପରୀକ୍ଷା ।
- ଅକ୍ଟୋବର 2016 ରୁ ଜୁନ୍ 2017 ପର୍ଯ୍ୟନ୍ତ ଓଭାଟ୍/ ସିଏସ୍‌ଟି ଅଧିନିୟମ ଅନୁଯାୟୀ କର ନିର୍ଦ୍ଧାରଣ ନଥିପତ୍ରର ଯାଞ୍ଚ ।
- ସମୀକ୍ଷା କରାଯାଉଥିବା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ।
- ସମୀକ୍ଷା ମନ୍ତବ୍ୟ ପ୍ରଦାନ ଏବଂ କାର୍ଯ୍ୟାଳୟର ମୁଖ୍ୟଙ୍କ ସହିତ ସମୀକ୍ଷା ମନ୍ତବ୍ୟର ଆଲୋଚନା ।

### *3.2.1.6 ନମୁନା ଏବଂ ପରିସର*

ନିମ୍ନଲିଖିତ କ୍ଷତିଭୟ ମାପକାଠି ଉପରେ ଆଧାର କରି 44 ସିଟି ଏବଂ ଜିଏସ୍‌ଟି ମଣ୍ଡଳର ମୋଟ 697 ଟି ମାମଲା ଯାଞ୍ଚ ପାଇଁ ମନୋନୀତ ହୋଇଥିଲା:

i) ଟିକସ ଦାତା ଯେଉଁମାନେ ସାରଣୀ 5C/ 7B ଅଧିନରେ ଅଧିକ ମଧକାଳୀନ ଜମା ଦାବି କରିଛନ୍ତି ସେମାନେ ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ଅବଧି ପାଇଁ ଦାଖଲ ହୋଇଥିବା ରିଟର୍ଣ୍ଣରେ ଉପଲବ୍ଧ ଥିବା ଅବଶେଷ ଠାରୁ ଅଧିକ,

ii) କରଦାତା, ଯାହାର ନିବେଶ କର ଜମା ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ନଅ ମାସ ମଧରେ 25 ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଦେଖାଏ,

iii) କରଦାତା, ଯେଉଁମାନେ ନିର୍ଦ୍ଧାରିତ ଦିନର ତୁରନ୍ତ ଛଅ ମାସ ପ୍ରଚଳିତ ଅର୍ଧିନିୟମ ଅନୁଯାୟୀ ରିଟର୍ଣ୍ଣ ଦାଖଲ ନକରି ମଧକାଳୀନ ଜମାକୁ ଅଗ୍ରେନୀତ କରିଛନ୍ତି ।

ମଣ୍ଡଳୱାରୀ ତଥ୍ୟ ***ପରିଶିଷ୍ଟ 3.2.1*** ରେ ଦିଆଯାଇଛି ।

### **3.2.2 ସମୀକ୍ଷା ମନ୍ତବ୍ୟ**

ସମୀକ୍ଷାର ଉଦ୍ଦେଶ୍ୟକୁ ଆଧାର କରି ସମୀକ୍ଷା ସିଦ୍ଧାନ୍ତଗୁଡ଼ିକୁ ଦୁଇଟି ବିସ୍ତୃତ ବର୍ଗରେ ବିଭକ୍ତ କରାଯାଇଛି - ସିଷ୍ଟମିକ୍ ସମସ୍ୟା ଓ ଅନୁପାଳନ ସମସ୍ୟା । ଯେତେବେଳେ ସିଷ୍ଟମିକ୍ ସମସ୍ୟା, ଯାଞ୍ଚ ପ୍ରଣାଳୀ ପର୍ଯ୍ୟାପ୍ତତା ଏବଂ

କାର୍ଯ୍ୟକାରିତାକୁ ସମ୍ବୋଧିତ କରେ, ଅନୁପାଳନ ସମସ୍ୟା ନିୟମ/ ଅଧିନିୟମର ବ୍ୟବସ୍ଥାର ବିଚ୍ୟୁତ୍‌କୁ ସମ୍ବୋଧିତ କରିଥାଏ । ମଧ୍ୟକାଳୀନ ଜମାର ସମୀକ୍ଷା ମୁଖ୍ୟତଃ ପ୍ରାଧିକରଣ ମଣ୍ଡଳ ଦ୍ୱାରା ପରିଚାଳିତ ନଥିପତ୍ରର ଯାଞ୍ଚରୁ ଏବଂ ଭାଟିସ୍‌ରେ ଅପଲୋଡ ହୋଇଥିବା ରିଟର୍ଣ୍ଣ ଡାଟାରୁ କରାଯାଇଥିଲା ।

### 3.2.3 ସିଷ୍ଟମିକ୍ ସମସ୍ୟା

ସିଷ୍ଟମିକ୍ ସମସ୍ୟାଗୁଡ଼ିକ ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା ଯାଞ୍ଚ ପ୍ରଣାଳୀ ପାଇଁ ପ୍ରଯୁଜ୍ୟ ବ୍ୟବସ୍ଥାର ସମୀକ୍ଷା ଏବଂ ଅସୁଲ ପ୍ରକ୍ରିୟାର ଦକ୍ଷତାର ପରୀକ୍ଷଣକୁ ଅନ୍ତର୍ଭୁକ୍ତ କରେ ।

#### *3.2.3.1 ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା ଯାଞ୍ଚ ପ୍ରଣାଳୀ*

ଉଭୟ ବସିୟତ ତଥା ଜିଏସ୍‌ଟି ନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ବିଧିଗତ ଆବଶ୍ୟକତା ବ୍ୟତୀତ, ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ, ଓଡ଼ିଶା ମଧ୍ୟକଳୀନ ଜମାର ଗ୍ରହଣୀୟତା ଏବଂ ଅଗ୍ରେନୀତ କରିଥିବା ଦଳ ଦ୍ୱାରା ବ୍ୟବହୃତ ହେବାକୁ ଥିବା ଏକ ବ୍ୟବସାୟୀଓ୍ୱାରୀ କାର୍ଯ୍ୟ ଫର୍ଦ୍ଦ ନିର୍ଦ୍ଦିଷ୍ଟ କରିଥିଲେ । ଅଧିକନ୍ତୁ, ମଧ୍ୟକାଳୀନ ଜମା ଦାବି ଯାଞ୍ଚ ସମୟରେ ଯାଞ୍ଚକାରୀ ଦଳ ଦ୍ୱାରା ପାଳନ କରାଯିବାକୁ ସାଧାରଣ ନିର୍ଦ୍ଦେଶ ପ୍ରଦାନ କରି ଆୟୁକ୍ତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅର୍ଥନୈତିକ ଇଣ୍ଟେଲିଜେନ୍ସ ଶାଖା ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ ଆଧାରରେ ଆୟୁକ୍ତ 45 ଟି ସିଟି ଓ ଜିଏସ୍‌ଟି ମଣ୍ଡଳରେ 3,510 ଟି ମାମଲା ଚିହ୍ନଟ କରିଛନ୍ତି, ଯେଉଁଥିରେ 1,000 ଟଙ୍କାରୁ ଅଧିକ ମଧ୍ୟକାଳୀନ ଜମା ଦାବି ଏବଂ 50,000 ଟଙ୍କାରୁ ଅଧିକ ରାଜ୍ୟ ଜିଏସ୍‌ଟି ଦାବି ଥିଲା । ଯାଞ୍ଚ ପ୍ରକ୍ରିୟା 31 ମଇ 2018 ସୁଦ୍ଧା ସମାପ୍ତ ହେବାର ଥିଲା ଏବଂ ସଂକଳିତ ରିପୋର୍ଟ ଆୟୁକ୍ତ ନିକଟରେ ଦାଖଲ ହେବାର ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ 44 ସିଟି ଓ ଜିଏସ୍‌ଟି ମଣ୍ଡଳରେ ସିଟି ଏବଂ ଜିଏସ୍‌ଟି ଆୟୁକ୍ତଙ୍କ ଦ୍ୱାରା ଚିହ୍ନିତ 3,510 ମାମଲା ମଧ୍ୟରୁ 2,177 ଟି (62 ପ୍ରତିଶତ) ମଧ୍ୟକାଳୀନ ଜମାର ମାମଲା ଯାଞ୍ଚ ହୋଇଯାଇଥିଲା । ଯାଞ୍ଚ ହୋଇଥିବା 2,177  ମାମଲା ମଧ୍ୟରୁ, ଅସୁଲ ମାମଲାର ପରିମାଣ 72.43 କୋଟି ଟଙ୍କା ଥିଲା । 171 ମାମଲାରେ 9.28 କୋଟି ଟଙ୍କା ଅସୁଲ ପାଇଁ ପଦକ୍ଷେପ ଆରମ୍ଭ ହୋଇଯାଇଥିଲା ।

#### *3.2.3.2 ଅଯୋଗ୍ୟ ଦାବିଗୁଡ଼ିକ ଅସୁଲ ପାଇଁ ପଦକ୍ଷେପର ଅନୁସରଣ*

ଓଡ଼ିଶା ଜିଏସ୍‌ଟି ନିୟମାବଳୀ, 2017ର ନିୟମ 121 ଅନୁଯାୟୀ, ମଧ୍ୟକାଳୀନ ଜମା ଭୁଲ ଭାବରେ ଲାଭ କରିଥିଲେ ଏବଂ ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଜମା କରାହୋଇଥିଲେ ତାହା ଓଜିଏସ୍‌ଟି ଅଧିନିୟମର ଧାରା 73 କିମ୍ବା 74 ଅନୁଯାୟୀ ପୁନରୁଦ୍ଧାର ହୋଇପାରେ । ପୁନଶ୍ଚ, ପ୍ରୟୋଗ କୌଶଳର ଯଥେଷ୍ଟତା ପରୀକ୍ଷଣର ଫଳାଫଳ ଦ୍ୱାରା ନିର୍ଣ୍ଣୟ କରାଯାଏ, ରାଜସ୍ୱର ଆଗ୍ରହକୁ ଅନୁସରଣ କରିବା ପାଇଁ ଚିହ୍ନଟ ହୋଇଥିବା ବିଚ୍ୟୁତିଗୁଡ଼ିକ ବିରୁଦ୍ଧରେ ପୁନରୁଦ୍ଧାର ପଦକ୍ଷେପର ଅନୁସରଣ ଜାରି ହୁଏ । ପୁନରୁଦ୍ଧାର ପଦକ୍ଷେପ ଆରମ୍ଭ କରିବାରେ ଅଯଥା ବିଳମ୍ବ ସରକାରଙ୍କ ଦ୍ୱାରା ରାଜସ୍ୱ ହାସଲ କରିବାରେ ବାଧା ସୃଷ୍ଟି କରିପାରେ ।

ଯଦିଓ କେନ୍ଦ୍ରୀୟ ପରୋକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ ମାର୍ଗଦର୍ଶିକା ଜାରି କରିଛି ଯେ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ପ୍ରାଧିକରଣକୁ ଦିଆଯାଇଥିବା ଟିକସଦାତାଙ୍କ ରାଜ୍ୟ ଜିଏସ୍‌ଟି ଜମା ଯାଞ୍ଚ କରିବାକୁ ପଡ଼ିବ, ଓଡ଼ିଶା ସରକାରଙ୍କ ବାଣିଜ୍ୟ କର ବିଭାଗ, ଜିଏସ୍‌ଟି ଅଧିନିୟମର ଧାରା 6(1) ଅନୁଯାୟୀ କୌଣସି ସକ୍ଷମ ବିଜ୍ଞପ୍ତି ଜାରି କରିନାହାନ୍ତି, ଯେପରି ଫେରସ୍ତ ପରିପ୍ରେକ୍ଷୀରେ ଯାଞ୍ଚ ପ୍ରକ୍ରିୟା କରିବାକୁ ଉପଯୁକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ କରାଯାଇଛି ।

ଅଡିଟ୍ ଲକ୍ଷ୍ୟ କଲା ଯେ କରଦାତାମାନେ ଶେଷ ଉତ୍ତରାଧିକାରୀ ରିଟର୍ଣ୍ଣରେ ଥିବା ଅନ୍ତିମ ଅବଶେଷ ଠାରୁ ଅଧିକ ଜମା ମଧ୍ୟକାଳୀନ ଜମା ଦାବି ପାଇବା ପରେ କେନ୍ଦ୍ରୀୟ ପ୍ରାଧିକରଣକୁ ଯାଇଛନ୍ତି । ରାଜ୍ୟ ଜିଏସ୍‌ଟି ମଣ୍ଡଳ କର୍ତ୍ତୃପକ୍ଷ ଏହିପରି ଅଧିକ ଜମା ଦାବି ପୁନରୁଦ୍ଧାର କରିବାରେ ସେମାନଙ୍କର ଅକ୍ଷମତା ପ୍ରକାଶ କରିଛନ୍ତି, ଯେହେତୁ ଏହି କରଦାତାମାନେ ସୀଷ୍ଟମରେ ଆଉ ଉପଲବ୍ଧ ହୋଇନାହାନ୍ତି । ଏଣୁ, ଅଡିଟ୍ ସୁପାରିଶ କରିଛନ୍ତି ଯେ ମଧ୍ୟକାଳୀନ ଜମାକୁ ଯାଞ୍ଚ କରିବା ପାଇଁ ତଥା ଅଧିକ ଜମା ଦାବିର ପୁନରୁଦ୍ଧାର ପାଇଁ ଯଦି ଆବଶ୍ୟକ ହୁଏ ତେବେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ସଂପୃକ୍ତ କେନ୍ଦ୍ରୀୟ ଟିକସ କର୍ତ୍ତୃପକ୍ଷଙ୍କ ନଜରକୁ ଆଣନ୍ତୁ ।

### 3.2.4 ଅନୁପାଳନ ସମସ୍ୟା

କରଦାତାଙ୍କ ଦ୍ୱାରା ଜିଏସ୍‌ଟି ବ୍ୟବସ୍ଥାକୁ ଅଗ୍ରେନୀତ କରିଥିବା ମଧ୍ୟକାଳୀନ ଜମାର ବୈଧତା ଓ ଗ୍ରହଣୀୟତା ସମ୍ବନ୍ଧୀୟ ସମସ୍ୟା ଅନୁପାଳନ ସମସ୍ୟା ସମ୍ବନ୍ଧୀୟ ଅଟେ ।

ଅଡିଟ୍, ଓଡ଼ିଶା ଜିଏସ୍‌ଟି ଅଧିନିୟମ 2017 ର ଧାରା 140 ଅଧୀନରେ କରଦାତାମାନଙ୍କ ଦ୍ୱାରା ଅଗ୍ରେନୀତ କରିଥିବା ଜମାରେ ବିଭିନ୍ନ ବର୍ଗରେ ତ୍ରୁଟି ଅବଲୋକନ କରିଥିଲା । ଏହି ତ୍ରୁଟି ଗୁଡ଼ିକର ପ୍ରକୃତି ଥିଲା:

1. ବସିୟତ ରିଟର୍ଣ୍ଣର ଅବଶେଷ ତୁଳନାରେ ଅଧିକ ଜମା ଅଗ୍ରେନୀତ କରିବା
2. ପୂର୍ବ ଛଅ ମାସର ରିଟର୍ଣ୍ଣ ଦାଖଲ ନକରି ଅଯୋଗ୍ୟ ଜମାକୁ ଅଗ୍ରେନୀତ କରିବା
3. ଆଉଟପୁଟ୍ କର ନଥାଇ ଜମାକୁ ଅଗ୍ରେନୀତ କରିବା
4. ଅଗ୍ରେନୀତ କରିଥିବା ଗାଣିତିକ ହିସାବଜନିତ ଭୁଲ୍ ଜମା
5. କେନ୍ଦ୍ରୀୟ ବିକ୍ରିକର ଅଧିନିୟମ ଅନୁଯାୟୀ ବୈଧାନିକ ଘୋଷଣା ପତ୍ର ଦାଖଲ ନକରି ଜମା ଦାବି
6. ଅଗ୍ରେନୀତ କରିଥିବା ଅଧିକ ମଧ୍ୟକାଳୀନ ଜମା ଉପରେ ସୁଧ ଆଦାୟ କରାଯିବ ।

ଅଡିଟ୍ ହୋଇଥିବା 697 ଟି ମାମଲା ମଧ୍ୟରୁ ଅଡିଟ୍ ସମୁଦାୟ 183 ଟି ଅଣ-ଅନୁପାଳନର ଦୃଷ୍ଟାନ୍ତ ଲକ୍ଷ୍ୟ କଲା, ଯାହାକି 26 ପ୍ରତିଶତ ତ୍ରୁଟି ହାର ଅଟେ । ନିମ୍ନଲିଖିତ ଅନୁଚ୍ଛେଦରେ ଅନୁପାଳନର ଏହି ଉଦାହରଣଗୁଡ଼ିକ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

#### *3.2.4.1 ଅନ୍ତିମ ରିଟର୍ଣ୍ଣରେ ଥିବା ଅନ୍ତିମ ଅବଶେଷ ତୁଳନାରେ ଅତ୍ୟଧିକ ମଧ୍ୟକାଳୀନ ଜମାର ଅଗ୍ରେନୀତ*

ମଧ୍ୟକାଳୀନ ବ୍ୟବସ୍ଥା ଉପରେ ଓଜିଏସ୍‌ଟି ଅଧିନିୟମ, 2017ର ଧାରା 140(1) ଅନୁଯାୟୀ ଧାରା 10 ଅଧିନରେ ପ୍ରଚଳିତ ନିୟମରେ ଯେପରି ଧାର୍ଯ୍ୟ କରାଯାଇଛି କର ଦେବାକୁ ଚାହୁଁଥିବା ବ୍ୟକ୍ତି ବ୍ୟତୀତ ଜଣେ ପଞ୍ଜୀକୃତ ବ୍ୟକ୍ତି ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ଅବଧି ଶେଷ ରିଟର୍ଣ୍ଣରେ ଭାଟ୍ ଜମାର ପରିମାଣ ଅଗ୍ରେନୀତ ଦାଖଲ କରିଥିବେ, ତାହା ସେ ଇଲେକ୍ଟ୍ରୋନିକ ଲେଜରରେ ଦେବାକୁ ହକ୍‌ଦାର ।

ସର୍ତ୍ତ ଅନୁଯାୟୀ ପଞ୍ଜୀକୃତ ବ୍ୟକ୍ତିଙ୍କୁ ନିମ୍ନ ପରିସ୍ଥିତିରେ ଜମା ଦେବାକୁ ଅନୁମତି ଦିଆଯିବ ନାହିଁ:

i) ଯେଉଁଠାରେ ଉକ୍ତ ରାଶି ଏହି ଅଧିନିୟମ ଅନୁଯାୟୀ ନିବେଶ କର ଜମା ଭାବରେ ଗ୍ରହଣୀୟ ନୁହେଁ,

ii) ଯେଉଁଠାରେ ସେ ନିର୍ଦ୍ଧାରିତ ତାରିଖର ଛଅ ମାସ ପୂର୍ବରୁ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ସମସ୍ତ ରିଟର୍ଣ୍ଣ ପ୍ରଦାନ କରିନାହାନ୍ତି ।

ଅଡିଟ୍, 44 ମଣ୍ଡଳରେ 697 ମାମଲାରେ ଯାଞ୍ଚ କଲେ ଏବଂ ଲକ୍ଷ୍ୟ କଲେ ଯେ 31 ସିଟି ଓ ଜିଏସ୍‌ଟି ମଣ୍ଡଳରେ 129 ମାମଲାରେ ବସିୟତ ରିଟର୍ଣ୍ଣରେ ଶୂନ୍ୟ/ କମ୍ ଅନ୍ତିମ ଅବଶେଷ ତୁଳନାରେ କରଦାତାମାନେ ଟିଆର୍‌ଏଏନ୍-1 ର ସାରଣୀ 5C/ 7B ଅଧିନରେ 86.36 କୋଟି ଟଙ୍କାର ଅଧିକ ମଧ୍ୟକାଳୀନ ଜମା ଅଗ୍ରେନୀତ କରିଥିଲେ ।

ମଣ୍ଡଳ ଅନୁସାରେ ବିବରଣୀଗୁଡ଼ିକ ***ପରିଶିଷ୍ଟ 3.2.2 ଏବଂ 3.2.2 (କ)*** ରେ ତାଲିକାଭୁକ୍ତ ।

#### *3.2.4.2 ବସିୟତ ରିଟର୍ଣ୍ଣ ଦାଖଲ ନକରି ଅନୁପଯୁକ୍ତ ମଧ୍ୟକାଳୀନ ଜମାର ଦାବି*

ମଧ୍ୟକାଳୀନ ବ୍ୟବସ୍ଥା ଉପରେ ଓଜିଏସ୍‌ଟି ଅଧିନିୟମ 2017 ର ଧାରା 140(1) ଅନୁଯାୟୀ, ଧାରା 10 ଅଧିନରେ ପ୍ରଚଳିତ ନିୟମରେ ଯେପରି ଧାର୍ଯ୍ୟ କରାଯାଇଛି ଯେ କର ଦେବାକୁ ଚାହୁଁଥିବା ବ୍ୟକ୍ତି ବ୍ୟତୀତ ଜଣେ ପଞ୍ଜୀକୃତ ବ୍ୟକ୍ତି ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ଅବଧିର ଶେଷ ରିଟର୍ଣ୍ଣରେ ଭାଟ୍ ଜମାର ଅଗ୍ରେନୀତ ଦାଖଲ କରିଥିବେ ତାହା ସେ ଇଲେକ୍ଟ୍ରୋନିକ୍ ଲେଜରରେ ନେବାକୁ ହକ୍‌ଦାର ।

ସର୍ତ୍ତ ଅନୁଯାୟୀ ପଞ୍ଜୀକୃତ ବ୍ୟକ୍ତିଙ୍କୁ ନିମ୍ନ ପରିସ୍ଥିତିରେ ଜମା ନେବାକୁ ଅନୁମତି ଦିଆଯିବ ନାହିଁ:

i) ଯେଉଁଠାରେ ଉକ୍ତ ରାଶି ଏହି ଅଧିନିୟମ ଅନୁଯାୟୀ ନିବେଶ କର ଜମା ଭାବରେ ଗ୍ରହଣୀୟ ନୁହେଁ,

ii) ଯେଉଁଠାରେ ସେ ନିର୍ଦ୍ଧାରିତ ତାରିଖର ଛଅ ମାସ ପୂର୍ବରୁ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ସମସ୍ତ ରିଟର୍ଣ୍ଣ ପ୍ରଦାନ କରିନାହାନ୍ତି ।

କରଦାତା କେବଳ ନିର୍ଦ୍ଧାରିତ ତାରିଖର ତୁରନ୍ତ ପୂର୍ବ ଛଅ ମାସର ଅବଧି ପାଇଁ ସମସ୍ତ ଆନୁଷଙ୍ଗିକ ରିଟର୍ଣ୍ଣ ଦାଖଲ କରିଥିବା ସ୍ଥଳେ, ବସିୟତ ରିଟର୍ଣ୍ଣରୁ ମଧ୍ୟକାଳୀନ ଜମାକୁ ଅନୁମତି ପ୍ରଦାନ କରାଯିବ ।

ଅଡିଟ୍, 44 ମଣ୍ଡଳରେ 697 ମାମଲାର ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ 11 ଟି ସିଟି ଓ ଜିଏସ୍‌ଟି ମଣ୍ଡଳର 15 ଟି ମାମଲାରେ କରଦାତା ମାନେ 8.98 କୋଟି ଟଙ୍କାର ଅଗ୍ରେନୀତ ଜମା ଦାବି କରିଥିଲେ ଯଦିଓ ପୂର୍ବରୁ ବିଦ୍ୟମାନ ଆଇନ ଅନୁଯାୟୀ ଆବଶ୍ୟକ ରିଟର୍ଣ୍ଣ ଗୁଡ଼ିକ ନିର୍ଦ୍ଧାରିତ ଦିନର ପୂର୍ବ ଛଅ ମାସ ପାଇଁ ମଧ୍ୟ ଦାଖଲ କରିନଥିଲେ ।

ମଣ୍ଡଳୱାରୀ ବିବରଣୀ ***ପରିଶିଷ୍ଟ 3.2.3*** ଏବଂ ***3.2.3 (କ)*** ରେ ତାରିକାଭୁକ୍ତ ।

### *3.2.4.3 ଆଉଟ୍‌ପୁଟ୍ କର ବିନା ନିବେଶ କରର ଅଗ୍ରେନୀତ କ୍ରୟ ଚାଲାଣର ଅଭାବ ଏବଂ କର କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚର ଅଭାବ*

ଓଭାଟ୍ ଅଧିନିୟମ, 2004 ର ଧାରା 20(3) ଅନୁଯାୟୀ ଉଦିଷ୍ଟ ସାମଗ୍ରୀ ଉପରେ ପଞ୍ଜୀକରଣର ବୈଧ ପ୍ରମାଣ ପତ୍ର ଧାରଣ କରିଥିବା ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ନିମ୍ନ ଉଦ୍ଦେଶ୍ୟରେ ରାଜ୍ୟ ମଧ୍ୟରେ କ୍ରୟ ପାଇଁ ନିବେଶ କର ଜମାକୁ ଅନୁମତି ଦିଆଯିବ:

i) ରାଜ୍ୟରେ ତାଙ୍କ ଦ୍ୱାରା ବିକ୍ରୟ କିମ୍ବା ପୁନଃ ବିକ୍ରୟ,

ii) ରାଜ୍ୟ ମଧ୍ୟରେ ସାମଗ୍ରୀ ଉତ୍ପାଦନରେ ନିବେଶ କିମ୍ବା ପୁଞ୍ଜି ସାମଗ୍ରୀ ଭାବରେ ବ୍ୟବହାର କରନ୍ତୁ,

iii) ଧାରା 18 ଅନୁଯାୟୀ ଶୂନ ହାରରେ କର ଆଦାୟ କରାଯାଉଥିବା ଦ୍ରବ୍ୟର ବିକ୍ରୟ,

iv) ବିକ୍ରୟ କିମ୍ବା ପୁନଃ ବିକ୍ରୟ ପାଇଁ ଏହି ଅଧିନିୟମ ଅନୁଯାୟୀ କର ଛାଡ଼ ବ୍ୟତୀତ ସାମଗ୍ରୀ ପ୍ୟାକ୍ କରିବା ପାଇଁ ପାତ୍ର କିମ୍ବା ସାମଗ୍ରୀ ଭାବରେ ବ୍ୟବହାର ପାଇଁ,

v) ରାଜ୍ୟ ବାହାରେ ଯେକୌଣସି ସ୍ଥାନକୁ ବିକ୍ରୟ କରିବା ବ୍ୟତୀତ କର ଯୋଗ୍ୟ ସାମଗ୍ରୀ ଷ୍ଟକ୍ ସ୍ଥାନାନ୍ତର ।

ଆଇନର ଉପରୋକ୍ତ ନିୟମାବଳୀର ବ୍ୟବସ୍ଥା ସ୍ପଷ୍ଟ ଭାବରେ ଦର୍ଶାଏ ଯେ ନିବେଶ କ୍ରୟ ଉପରେ ନିବେଶ କର ଜମା ଗ୍ରହଣୀୟ ହେବ ଯେତେବେଳେ, ନିବେଶର ବିକ୍ରୟ କିମ୍ବା ପୁନଃ ବିକ୍ରୟ ହୋଇଥିବ, କିମ୍ବା ନିବେଶ ବ୍ୟବହାର କରି ଉତ୍ପାଦନ କରାଯାଇଥିବ, କିମ୍ବା କାର୍ଯ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ସମୟରେ ବିକ୍ରୟ ହୋଇଥିବ ।

ଅଡିଟ୍, 44 ମଣ୍ଡଳରେ 697 ମାମଲାଗୁଡ଼ିକୁ ଯାଞ୍ଚ କଲେ ଏବଂ ଲକ୍ଷ୍ୟ କଲେ ଯେ ପାଞ୍ଚଟି ସିଟି ଏବଂ ଜିଏସ୍‌ଟି ମଣ୍ଡଳରେ 15 ମାମଲାରେ ପୂର୍ବ ନଅ ମାସ ମଧ୍ୟରେ ତାହା ଅକ୍ଟୋବର 2016 ରୁ ଜୁନ୍ 2017 ମଧ୍ୟରେ କୌଣସି ବିକ୍ରୟ କାରବାର ଏବଂ ଆଉଟପୁଟ କର ନଥିଲେ ମଧ୍ୟ କରଦାତାମାନେ ଟିଆର୍‌ଏନ୍-1 ରେ 4.41 କୋଟି ଟଙ୍କାର ଅତିରିକ୍ତ ମଧ୍ୟକାଳୀନ ଜମା ଅଗ୍ରେନୀତ କରିଥିଲେ । ଯଦି ଆଉଟପୁଟ କରର ଅନୁପସ୍ଥିତିରେ କର ଜମା ଅଗ୍ରେନୀତ କରାଯାଏ, ତେବେ କ୍ରୟ ଚାଲାଣ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ହେବା ଆବଶ୍ୟକ । ଯଦି ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହିପର ଦାବି ହୁଏ, କରଦାତା କର କର୍ତ୍ତୃପକ୍ଷଙ୍କ ଆଗରେ କ୍ରୟ ଚାଲାଣ ଦାଖଲ କରିବାରେ ଅସମର୍ଥ ହୁଏ, ଟିଆର୍‌ଏନ୍-1 ରେ ନିଆଯାଇଥିବା ଜମାକୁ ଅନିୟମିତତା ଭାବରେ ଗ୍ରହଣ କରାଯିବା ଉଚିତ୍ ଏବଂ ଏହାକୁ ନାମଞ୍ଜୁର କରିବା ଉଚିତ୍ ।

ମଣ୍ଡଳୱାରୀ ବିଶଦ ବିବରଣୀ ***ପରିଶିଷ୍ଟ 3.2.4*** ଏବଂ ***3.2.4 (କ)*** ରେ ତାଲିକାଭୁକ୍ତ ।

### 3.2.4.4 ଅଶୁଦ୍ଧ ମଧ୍ୟକାଳୀନ ଜମାର ଅଗ୍ରେନୀତ

ମଧ୍ୟକାଳୀନ ବ୍ୟବସ୍ଥା ଉପରେ ଓଜିଏସ୍‌ଟି ଅଧିନିୟମ, 2017 ର ଧାରା 140(1) ଅନୁଯାୟୀ, ଧାରା 10 ଅଧିନରେ ପ୍ରଚଳିତ ନିୟମରେ ଯେପରି ଧାର୍ଯ୍ୟ କରାଯାଇଛି, କର ଦେବାକୁ ଚାହୁଁଥିବା ବ୍ୟକ୍ତି ବ୍ୟତୀତ ଜଣେ ପଞ୍ଜୀକୃତ ବ୍ୟକ୍ତି ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ଅବଧିର ଶେଷ ରିଟର୍ଣ୍ଣରେ ଭାଟ୍ ଜମାର ଅଗ୍ରେନୀତ ଦାଖଲ କରିଥିବେ, ତାହା ସେ ଇଲେକ୍ଟ୍ରୋନିକ୍ ଲେଜରରେ ନେବାକୁ ହକ୍‌ଦାର ।

ସର୍ତ୍ତ ଅନୁଯାୟୀ ପଞ୍ଜୀକୃତ ବ୍ୟକ୍ତିଙ୍କୁ ନିମ୍ନ ପରିସ୍ଥିତିରେ ଜମା ନେବାକୁ ଅନୁମତି ଦିଆଯିବ ନାହିଁ:

i) ଯେଉଁଠାରେ ଉକ୍ତ ରାଶି ଏହି ଅଧିନିୟମ ଅନୁଯାୟୀ ଆଇଟିସି ଭାବରେ ଗ୍ରହଣୀୟ ନୁହେଁ,

ii) ଯେଉଁଠାରେ ସେ ନିର୍ଦ୍ଧାରିତ ତାରିଖର ଛଅ ମାସ ପୂର୍ବରୁ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ସମସ୍ତ ରିଟର୍ଣ୍ଣ ପ୍ରଦାନ କରିନାହାନ୍ତି ।

ଅଡିଟ୍, 44 ମଣ୍ଡଳରେ 697 ମାମଲାର ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ ଦୁଇଟି ସିଟି ଏବଂ ଜିଏସ୍‌ଟି ମଣ୍ଡଳର ସାତ କରଦାତା ପ୍ରାରମ୍ଭିକ ଅବଶେଷ ଓ ଅନ୍ତିମ ଅବଶେଷର ଭୁଲ ଗଣନା ହେତୁ 38.83 ଲକ୍ଷ ଟଙ୍କାର ଆଇଟିସିକୁ ଭୁଲରେ ଅଗ୍ରେନୀତ କରିଥିଲେ ।

ମଣ୍ଡଳୱାରୀ ବିବରଣୀ ***ପରିଶିଷ୍ଟ 3.2.5*** ଏବଂ ***3.2.5 (କ)*** ରେ ତାଲିକାଭୁକ୍ତ ।

### 3.2.4.5 ବୈଧାନିକ ଘୋଷଣା ଫର୍ମ ଦାଖଲ ନକରି ଅଯୋଗ୍ୟ ଜମାର ପ୍ରାପ୍ତି

ମଧ୍ୟକାଳୀନ ବ୍ୟବସ୍ଥା ଉପରେ ଓଡ଼ିଶା ଜିଏସ୍‌ଟି ଅଧିନିୟମ, 2017 ର ଧାରା 140(1) ଅନୁଯାୟୀ, ଧାରା 10 ଅଧିନରେ ପ୍ରଚଳିତ ନିମ୍ନମତେ ଯେପରି ଧାର୍ଯ୍ୟ କରାଯାଇଛି କର ଦେବାକୁ ଚାହୁଁଥିବା ବ୍ୟକ୍ତି ବ୍ୟତୀତ ଜଣେ ପଞ୍ଜୀକୃତ ବ୍ୟକ୍ତି ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବ ଅବଧିର ଶେଷ ରିଟର୍ଣ୍ଣରେ ଭାଟ୍ ଜମାର ଅଗ୍ରେନୀତ ଦାଖଲ କରିଥିବେ, ତାହା ସେ ଇଲେକ୍ଟ୍ରୋନିକ୍ ଲେଜରରେ ଦେବାକୁ ହକ୍‌ଦାର ।

ସର୍ତ୍ତ ଅନୁଯାୟୀ ପଞ୍ଜୀକୃତ ବ୍ୟକ୍ତିଙ୍କୁ ନିମ୍ନ ପରିସ୍ଥିତିରେ ଜମା ଦେବାକୁ ଅନୁମତି ଦିଆଯିବ ନାହିଁ:

i) ଯେଉଁଠାରେ ଉକ୍ତ ରାଶି ଏହି ଅଧିନିୟମ ଅନୁଯାୟୀ ଆଇଟିସି ଭାବରେ ଗ୍ରହଣୀୟ ନୁହେଁ,

ii) ଯେଉଁଠାରେ ସେ ନିର୍ଦ୍ଧାରିତ ତାରିଖର ଛଅ ମାସ ପୂର୍ବରୁ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ସମସ୍ତ ରିଟର୍ଣ୍ଣ ପ୍ରଦାନ କରିନାହାନ୍ତି ।

ଆହୁରି ମଧ୍ୟ ଧାର୍ଯ୍ୟ କରାଯାଇଛି ଯେ ଉକ୍ତ ଜମା ମଧ୍ୟରୁ ଯେତିକି ଅଂଶ କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956 ର ଧାରା 3, ଧାରା 5 ର ଉପ-ଧାରା (3), ଧାରା 6, ଧାରା 6A କିମ୍ବା ଧାରା 8 ର ଉପଧାରା (8) ସହିତ ଦାବି ପାଇଁ ଜଡ଼ିତ, ଯାହା କେନ୍ଦ୍ରୀୟ ବିକ୍ରୟରେ (ପଞ୍ଜୀକରଣ ଓ କାରବାର) 1957 ନିୟମର ନିୟମ 12 ରେ ଧାର୍ଯ୍ୟ କରାଯାଇଥିବା ପଦ୍ଧତିରେ ଏବଂ ଅବଧି ମଧ୍ୟରେ ପ୍ରମାଣିତ ହୋଇନାହିଁ, ଇଲେକ୍ଟ୍ରୋନିକ୍ କ୍ରେଡିଟ୍ ଲେଜରରେ ଜମା ପାଇବାକୁ ଯୋଗ୍ୟ ହେବେ ନାହିଁ ।

ଦ୍ୱିତୀୟ ପ୍ରୋଭିଜୋରେ ଉଲ୍ଲେଖିତ ଜମାର ସମ ପରିମାଣ ବିଦ୍ୟମାନ ଆଇନ ଅଧିନରେ ଫେରସ୍ତ କରାଯିବ ଯେତେବେଳେ ସେହି ଦାବୀଗୁଡିକ କେନ୍ଦ୍ରୀୟ ବିକ୍ରୟ କର (ପଞ୍ଜୀକରଣ ଓ କାରବାର) ନିୟମ, 1957 ର ନିୟମ 12 ଅନୁଯାୟୀ ପ୍ରତିପାଦିତ ହୋଇଥିବ ।

ଅଡିଟ୍, 697 ମାମଲା ଏବଂ ସେଗୁଡ଼ିକର ରିଟର୍ଣ୍ଣ 44 ମଣ୍ଡଳରେ ନିଶ୍ଚିତତା ପ୍ରାପ୍ତି ପାଇଁ ଯାଞ୍ଚ କରିଥିଲା ଯେ ଫର୍ମ-C, ଫର୍ମ-F ଏବଂ ଫର୍ମ-H ଘୋଷଣାନାମା ଫର୍ମ ସିଏସ୍‌ଟି ଅଧିନିୟମ ଅନୁଯାୟୀ କାର୍ଯ୍ୟକାରୀ ହୋଇଥିବା ବିକ୍ରୟ କାରବାରକୁ ସମର୍ଥନ କରି ଦାଖଲ କରିଛନ୍ତି ଏବଂ ଲକ୍ଷ୍ୟ କଲେ ଯେ 10 ଜଣ କର ଦାତା ଏହି ରିହାତିର ସମର୍ଥନରେ ଘୋଷଣାନାମା ଦାଖଲ କରିନଥିଲେ କିମ୍ବା କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅଧିନରେ କର ନିର୍ଦ୍ଧାରଣ କରାଯାଇ ନଥିଲା । ଓଜିଏସ୍‌ଟି ଅଧିନିୟମର ମଧ୍ୟକାଳୀନ ବ୍ୟବସ୍ଥା ଅନୁଯାୟୀ ଘୋଷଣାନାମା ଫର୍ମ ଦାଖଲ ନକଲେ, ବିକ୍ରୟ କାରବାରରେ ମିଳୁଥିବା ରିହାତି ପରିମାଣ ମଧ୍ୟକାଳୀନ ଜମାରୁ ହ୍ରାସ ପାଇବ କିମ୍ବା କର

ଦାତାଙ୍କ ଠାରୁ ଦାବି କରାଯିବ । ତେଣୁ, ଘୋଷଣାନାମା ଫର୍ମଗୁଡ଼ିକ ଦାଖଲ ନକରିବା ଦ୍ୱାରା 1.08 କୋଟି ଟଙ୍କାର ଅଯୋଗ୍ୟ ମଧ୍ୟକାଳୀନ ଜମା ସୃଷ୍ଟି ହୋଇଥିଲା ।

ମଣ୍ଡଳୱାରୀ ସବିଶେଷ ତଥ୍ୟ ***ପରିଶିଷ୍ଟ 3.2.6*** ଏବଂ ***3.2.6 (କ)*** ରେ ତାଲିକାଭୁକ୍ତ ଅଛି ।

### *3.2.4.6 ଅନିୟମିତ/ ଅତ୍ୟଧିକ ମଧ୍ୟକାଳୀନ ଜମା ଉପରେ ଆଦାୟ କରାଯିବାକୁ ଥିବା ସୁଧ*

ଓଜିଏସ୍‌ଟି ଅଧିନିୟମ, 2017 ର ଧାରା 50(3) ଅନୁଯାୟୀ, ଜଣେ କର ଯୋଗ୍ୟ ବ୍ୟକ୍ତି ଯିଏ ଧାରା 43 ର ଉପଧାରା (10) ଅନୁଯାୟୀ ନିବେଶ କର ଜମା ଉପରେ ଅଯଥା କିମ୍ବା ଅଧିକ ଦାବି କରନ୍ତି, ସେପରି ଅଯଥା କିମ୍ବା ଅତ୍ୟଧିକ ଦାବି ଉପରେ ସୁଧ ଦେବେ କିମ୍ବା ସେହି ଅଯଥା ଓ ଅତ୍ୟଧିକ ହ୍ରାସ ଉପରେ ସୁଧ ପ୍ରଦାନ କରିବେ ଯାହା ପରିଷଦର ସୁପାରିଶ କ୍ରମେ ସରକାରଙ୍କ ଦ୍ୱାରା ସୂଚିତ ହୋଇପାରେ ଯେ ସୁଧର ହାର 24 ପ୍ରତିଶତରୁ ଅଧିକ ହେବ ନାହିଁ ।

ଓଜିଏସ୍‌ଟି ନିୟମାବଳୀ, 2017 ର ନିୟମ 121 ଅନୁଯାୟୀ, ନିୟମ 117 ର ଉପନିୟମ (3) ଅଧିନରେ ଜମା ହୋଇଥିବା ପରିମାଣ ଯାଞ୍ଚ କରାଯାଇପାରେ ଏବଂ ସଂପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଜମାକୁ ଭୁଲ ଭାବରେ ଲାଭ କରିଥିଲେ, ଧାରା 73 ଅଧିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ ।

ଆହୁରି ମଧ୍ୟ 04 ଅଗଷ୍ଟ 2018 ର ବିଜ୍ଞପ୍ତି ସଂଖ୍ୟା 11557 ଅନୁଯାୟୀ, ସିଟି ଏବଂ ଜିଏସ୍‌ଟି ଆୟୁକ୍ତ, ଓଡ଼ିଶା କଠୋର ନିର୍ଦ୍ଦେଶ ଦେଇଛନ୍ତି ଯେ ଟିଆର୍‌ଏଏନ୍-1 ରେ ନିଆଯାଇଥିବା ଯେକୌଣସି ଅନିୟମିତ/ ଅତ୍ୟଧିକ ମଧ୍ୟକାଳୀନ ଜମା ରାଶି ଓଜିଏସ୍‌ଟି ଅଧିନିୟମର ଧାରା 50(3) ଅନୁଯାୟୀ 24 ପ୍ରତିଶତ ହାରରେ ସୁଧ ସହିତ ଅସୁଲ କରାଯିବା ଉଚିତ୍ ।

ଅଡିଟ୍, 44 ମଣ୍ଡଳରେ 697 ଟି ରିଟର୍ଣ୍ଣ ମାମଲା ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ ସେମାନଙ୍କ ଦ୍ୱାରା ଦାବି କରାଯାଇଥିବା 28 ସିଟି ଓ ଜିଏସ୍‌ଟ ମଣ୍ଡଳରେ 116 ମାମଲାରେ ଜଡ଼ିତ ଥିବା କରଦାତାଙ୍କ 68.28 କୋଟି ଟଙ୍କାର ଅନିୟମିତ/ ଅତ୍ୟଧିକ ଜମା ଉପରେ ସୁଧ ଆରୋପଣ କରାଯାଇ ନଥିଲା । ଏହି ମାମଲା ଗୁଡ଼ିକର ସୁଧ 60.69 କୋଟି ଟଙ୍କା ହିସାବ କରାଗଲା ।

ଅଡିଟ୍, ଏହାକୁ ଦର୍ଶାଇଲା ପରେ ମାଲକାନଗିରି ମଣ୍ଡଳର କରଦାତା ସୁଧ ସହିତ ଅଧିକ ମଧ୍ୟକାଳୀନ ଜମାକୁ ଫେରସ୍ତ କରିଥିଲେ ।

ମଣ୍ଡଳୱାରୀ ବିଶଦ ବିବରଣୀ ***ପରିଶିଷ୍ଟ 3.2.7*** ଏବଂ ***3.2.7 (କ)*** ରେ ତାଲିକାଭୁକ୍ତ ଅଛି ।

### *3.2.4.7 ବିଗତ ନଅ ମାସର ଅବଧିରେ ଇନ୍‌ପୁଟ ଟିକସ ଜମାରେ 25 ପ୍ରତିଶତରୁ ଅଧିକ ଅଭିବୃଦ୍ଧି*

ଅଡିଟ୍, ଏକ କ୍ଷତିଭୟ ମାପକାଠି ଉପରେ ଭିତ୍ତିକରି 26 ମଣ୍ଡଳର 83 ମାମଲାର ତଥ୍ୟଗୁଡ଼ିକ ଯାଞ୍ଚ କରିଥିଲେ, ଯାହାର ବିବରଣୀ ନିମ୍ନରେ ଦିଆଗଲା:

"ଜିଏସ୍‌ଟିର ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ଶେଷ ମାସ/ ତ୍ରୈମାସିକ ରିଟର୍ଣ୍ଣ ଦାଖଲରେ ଦର୍ଶାଇଥିବା ନିବେଶ କର ଜମା ତୁଳନାରେ ଅକ୍ଟୋବର 2016 ରେ ଦାଖଲ କରିଥିବା ରିଟର୍ଣ୍ଣରେ ନିବେଶ କର ଜମା 25 ପ୍ରତିଶତ ବୃଦ୍ଧି ହୋଇଥିଲା" ।

ଅଡିଟ୍ ଅକ୍ଟୋବର 2016 ଏବଂ ଜୁନ୍ 2017 ରେ ସମାପ୍ତ ଦୁଇ ମାସର 83 ଟି ମାମଲାର ରିଟର୍ଣ୍ଣ ସହିତ ଭାଟିସରୁ ସୃଷ୍ଟି ହୋଇଥିବା କ୍ରୟ ପତ୍ର ଯାଞ୍ଚ କରିଥିଲେ । କରଦାତା ମାନଙ୍କର କର ନିର୍ଦ୍ଧାରଣ ଆଦେଶପତ୍ର ଗୁଡ଼ିକୁ ମଧ୍ୟ ଯାଞ୍ଚ କରିଥିଲେ (ଯେଉଁମାନଙ୍କର ଓଡ଼ିଶା ମୂଲ୍ୟଯୁକ୍ତ ଅଧିନିୟମ ଅଧିନରେ କର ନିର୍ଦ୍ଧାରଣ ହୋଇଥିଲା) । ଅଡିଟ୍, 53 କରଦାତାଙ୍କ କ୍ଷେତ୍ରରେ ନିବେଶ କର ଅଭିବୃଦ୍ଧି ଉପରେ ନିଶ୍ଚିତତା ହାସଲ କରିବାରେ ସକ୍ଷମ ହୋଇଥିଲା । ଅବଶିଷ୍ଟ 30 କରଦାତାଙ୍କ କ୍ଷେତ୍ରରେ, ଅଡିଟ୍, ବିସ୍ତୃତ ଯାଞ୍ଚ ପାଇଁ ସଂପୃକ୍ତ ମଣ୍ଡଳ କର କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଥିଲା ।

ମଣ୍ଡଳୱାରୀ ବିବରଣୀଗୁଡ଼ିକ ***ପରିଶିଷ୍ଟ 3.2.8*** ଏବଂ ***3.2.8 (କ)*** ରେ ତାଲିକାଭୁକ୍ତ ଅଛି ।

**ସୁପାରିଶ:** ଏହି 30 ଟି ମାମଲାର ଯାଞ୍ଚ କରାଯାଇପାରେ ଏବଂ ଯଦି କୌଣସି ବିନା ଅନୁମତି ପ୍ରାପ୍ତ କ୍ରୟ ଚିହ୍ନଟ ହୁଏ, ସଂପୃକ୍ତ ନିବେଶ କର ଜମା ଏବଂ ମଧ୍ୟକାଳୀନ ଜମା ନାମଞ୍ଜୁର ହୋଇପାରେ ଏବଂ କରଦାତାଙ୍କ ଠାରୁ ଦାବି ଉପସ୍ଥାପନ କରାଯାଇପାରେ ।

### 3.2.5 ଉପସଂହାର

ମଧ୍ୟକାଳୀନ ଜମା ହେଉଛି ବସିୟତ କର ଅବସ୍ଥାରୁ ଜିଏସ୍‌ଟି ବ୍ୟବସ୍ଥାକୁ ନିବେଶ କର ଜମାର ଏକମାତ୍ର ପ୍ରବାହ ଏବଂ ପୂର୍ବ କର ବ୍ୟବସ୍ଥା (ଟିଆର୍‌ଏଏନ୍-1) ରୁ ଆସିଥିବା କରଦାତା ତଥା ଜିଏସ୍‌ଟି ଅଧିନରେ ପଞ୍ଜୀକରଣ କରିଥିବା ନୂତନ କରଦାତା (ଟିଆର୍‌ଏଏନ୍-2) ମାନେ ପ୍ରାପ୍ତି କରିପାରିବେ । ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଯାଞ୍ଚ ପ୍ରକ୍ରିୟାର ଯଥେଷ୍ଟତାକୁ ଆକଳନ କରିବା ପାଇଁ ଅଡିଟ୍, 44 ମଣ୍ଡଳରେ ମଧ୍ୟକାଳୀନ ଜମା ଦାବିର 697 ଟି ମାମଲାର ଏକ ନମୁନା ଯାଞ୍ଚ କରିଥିଲେ ।

ପଦ୍ଧତିଗତ ପରିପ୍ରେକ୍ଷଣରୁ ଅଡିଟ୍ ଅବଲୋକନ କଲା ଯେ ଯଦିଓ ବିଭାଗ ଅଗ୍ରାଧିକାର ଭିତ୍ତିରେ 2018-19 ରେ 3,510 (45 ମଣ୍ଡଳରେ) ମାମଲାର ଯାଞ୍ଚ କରିବା ପାଇଁ ଚିହ୍ନଟ କରିଥିଲେ, ସେ କାର୍ଯ୍ୟ ଏପର୍ଯ୍ୟନ୍ତ (ନଭେମ୍ବର 2021) ସଂପୂର୍ଣ୍ଣ ହୋଇନାହିଁ ଏବଂ ଅଡିଟ୍ ତାରିଖ ପର୍ଯ୍ୟନ୍ତ ମାତ୍ର 62 ପ୍ରତିଶତ ମାମଲା (2177) ଯାଞ୍ଚ କରାଯାଇଥିଲା । ଯଦିଓ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡ କେନ୍ଦ୍ରୀୟ ପରିସରକୁ ଆବଣ୍ଟିତ ଟିକସ ଦାତାଙ୍କ ଏସ୍‌ଜିଏସ୍‌ଟି ଜମାର ଯାଞ୍ଚ, ଅଧିକାରୀମାନଙ୍କ ଦ୍ୱାରା କରିବା ପାଇଁ ମାନାଦର୍ଶ ଜାରି କରିଥିଲେ, ବିଭାଗ ଜିଏସ୍‌ଟି ଅଧିନିୟମର ଧାରା 6(1) ଅନୁଯାୟୀ ଆବଶ୍ୟକ ଏହି ମଧ୍ୟକାଳୀନ ଜମା ପ୍ରକ୍ରିୟାର ଯାଞ୍ଚ ପାଇଁ ସଠିକ ଅଧିକାରୀଙ୍କ ଉଲ୍ଲେଖପୂର୍ବକ କୌଣସି ସାମର୍ଥକାରୀ ବିଜ୍ଞପ୍ତି ଜାରି କରିନଥିଲେ, ଯାହା ଫେରସ୍ତ କ୍ଷେତ୍ରରେ କରାଯାଇଛି ।

ଅନୁପାଳନଗତ ପରିପ୍ରେକ୍ଷଣରୁ, ଅଡିଟ୍ ଦ୍ୱାରା ଯାଞ୍ଚ ପାଇଁ ଚୟନ ହୋଇଥିବା 697 ମାମଲା ମଧ୍ୟରୁ ଅନୁପାଳନ ହୋଇନଥିବା 183 ଟି ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ଯାହାର ତ୍ରୁଟି ହାର 26 ପ୍ରତିଶତ ଥିଲା । ଏହି ଅନୁପାଳନ ଅବମାନନା ଗୁଡ଼ିକ ବିଭିନ୍ନ ଦୃଷ୍ଟିକୋଣ ସହିତ ସଂଶ୍ଳିଷ୍ଟ ଯଥା- ବସିୟତ ରିଟର୍ଣ୍ଣର ଅବଶେଷ ତୁଳନାରେ ଅଧିକ ଜମା ଅଗ୍ରେନୀତ କରିବା, ପୂର୍ବ ଛଅ ମାସରେ ରିଟର୍ଣ୍ଣ ଦାଖଲ ନକରି ଅଯୋଗ୍ୟ ଜମାକୁ ଅଗ୍ରେନୀତ କରିବା, ଆଉଟପୁଟ୍ କର ନଥାଇ ଜମାକୁ ଅଗ୍ରେନୀତ କରିବା, ହିସାବଜନିତ ଭୁଲ ଜମାକୁ ଅଗ୍ରେନିତ କରିବା, ବୈଧାନିକ ଘୋଷଣାପତ୍ର ଦାଖଲ ନକରି ଜମା ଦାବି ଏବଂ ଅଧିକ ମଧ୍ୟକାଳୀନ ଜମା ଉପରେ ସୁଧର ଦେୟ ।

ସମୀକ୍ଷାର ମନ୍ତବ୍ୟ ପ୍ରାପ୍ତି ପରେ, ପ୍ରଯୁଜ୍ୟ ମଣ୍ଡଳ ମୁଖ୍ୟମାନେ ନିର୍ଭର ପ୍ରତିଶ୍ରୁତି ଦେଲେ ଯେ ସେମାନେ ଅନୁପାଳନର ଅବମାନନାର ଘଟଣାଗୁଡ଼ିକ ଯାଞ୍ଚ/ ପରୀକ୍ଷା କରିବେ ଏବଂ ଫଳାଫଳ ଜଣାଇଦେବେ । ମଣ୍ଡଳଗୁଡିକରୁ ମଣ୍ଡଳୱାରୀ ସମୀକ୍ଷା ମନ୍ତବ୍ୟ ଗୁଡ଼ିକର ଏବଂ ସିଟି ଏବଂ ଜିଏସ୍‌ଟି ଆୟୁକ୍ତଙ୍କ ଠାରୁ ଏହାର ଏକତ୍ରୀକୃତ ପ୍ରତିବେଦନର ଯଥାରୀତି ଉତ୍ତର ଅପେକ୍ଷିତ ଅଛି ।